

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୪ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 MARCH 2022

Vol.No. 33 ■ No. 60 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-

ଅଷ୍ଟମ ଦିନରେ ଯୁଦ୍ଧ : ଖେରସନକୁ ଦଖଲକୁ ନେଲା ରୁଷ

ନୂଆଦିଲ୍ଲୀ, ୦୩/୦୩ : ଯେତେବେଳେ ରୁଷ୍ ସେନା ୟୁକ୍ରେନ ଆକ୍ରମଣ କରିଥିଲା, ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଥିଲା, କ'ଣ ରହିବ ସ୍ଥିତି, କେବେ ସରିବ ଯୁଦ୍ଧ ? ହେଲେ ୮ ଦିନ ବିତି ଯାଇଥିଲେ ବି ଚିତ୍ର ଅସ୍ପଷ୍ଟ ରହିଛି । ଉଭୟ ପକ୍ଷ ମଧ୍ୟରେ ଆଲୋଚନାରୁ କୌଣସି ସମାଧାନ ବାହାରି ପାରିନାହିଁ । ବରଂ ଯୁଦ୍ଧର ଘନଘଟା ମଧ୍ୟରେ ଥରି ଉଠୁଛି ୟୁକ୍ରେନ । ରୁଷ ସେନାକୁ କଡ଼ ଟକ୍କର ଦେଉଛନ୍ତି ଦେଶପ୍ରେମୀ ୟୁକ୍ରେନ ସେନା ଓ ସାଧାରଣ ଜନତା । ହେଲେ ରୁଷର ସାମରିକ ଶକ୍ତି ଆଗରେ ତିଷ୍ଠିବା କଷ୍ଟକର ହୋଇପଡୁଛି । ଗୋଟିଏ ପରେ ଗୋଟିଏ ସହର ଦଖଲ ଆଡ଼କୁ ଆଗଉଛି ପୁଟିନଙ୍କ ସେନା । ଖେରସନ ସହରକୁ ନିଜ କବଜାକୁ ନେଇଛନ୍ତି ରୁଷ୍ ସୈନିକ । ଏହାସହ ମାରିଓପୋଲ ସହରର ଘେରାବନ୍ଦୀ କରିଛନ୍ତି । ୟୁକ୍ରେନର ଚେର୍ନିହିବ ସହର ରୁଷର ପ୍ରଚଣ୍ଡ ଅକ୍ରମଣରେ ଥରି ଉଠିଛି । ମିସାଇଲ ମାଡ଼ ପରେ ଜଳିଯାଇଛି ତେଲ ଡିପୋ । ତେବେ ସମୁଦ୍ରରେ ଗୋଟିଏ ପରେ ଗୋଟିଏ ରୁଷ୍ ଯୁଦ୍ଧ ଜାହାଜ ୟୁକ୍ରେନ ଆଡ଼କୁ ବଢୁଛି । ଏଥିରୁ ଅନୁମାନ କରାଯାଉଛି ଯେ, ସମୁଦ୍ର ରାସ୍ତାରେ ୟୁକ୍ରେନ୍ ଉପରେ ହୋଇପାରେ ବଡ଼ ଆକ୍ରମଣ । 'ବ୍ଲାକ୍ ସି'ରେ ଅନେକ ସଂଖ୍ୟାରେ ରୁଷ ସୈନିକ ଏକାଠି ହେଉଥିବା ସୂଚନା ମିଳିଛି । କ୍ରିମିୟାରୁ ୟୁକ୍ରେନ୍ ଆଡକୁ ରୁଷ ଯୁଦ୍ଧ ଜାହାଜ ଆଗକୁ ବଢୁଥିବାର ଭିଡିଓ ମଧ୍ୟ ଦେଖିବାକୁ ମିଳିଛି । ଦକ୍ଷିଣ ପଟୁ ୟୁକ୍ରେନ୍ ଉପରେ ବଡ଼ ଆକ୍ରମଣ କରାଯାଇପାରେ ବୋଲି ଆଶଙ୍କା କରାଯାଉଛି । ୟୁକ୍ରେନ୍ ରାଜଧାନୀ କିଭ୍ ଓ ଖାରକିଭ ସହରରେ ଜୋରଦାର ଲଢ଼େଇ ଚାଲିଛି । ନ୍ୟୁଜ ଏଜେନ୍ସି ରଏଟର୍ସ ପକ୍ଷରୁ ଜାରି କରାଯାଇଥିବା ଦୃଶ୍ୟରେ ଦେଖିବାକୁ ମିଳୁଛି ଯେ, ଆକାଶପଥରେ ଆକ୍ରମଣକୁ ଆହୁରି ଜୋରଦାର କରିବା ପାଇଁ ରୁଷୀୟ ସୈନିକ ପ୍ରସ୍ତୁତ ହୋଇଛନ୍ତି । ରୁଷିଆର ଯୁଦ୍ଧ ବିମାନରେ ସୈନିକଙ୍କ ହାତରେ ରହିଛି ଅସ୍ତ୍ରଶସ୍ତ୍ର । କିଭକୁ ଚାରିପଟୁ ଲକ୍ଷାଧିକ ସେନା ଘେରି ବୋମା ବର୍ଷା କରୁଛନ୍ତି ରୁଷ ସେନା । କିଭର ପ୍ରତିରକ୍ଷା ମନ୍ତ୍ରାଳୟ ନିକଟରେ ବିସ୍ଫୋରଣ କରାଯାଇଛି । ସେପଟେ କିଭ୍ ମେଟ୍ରୋଷ୍ଟେସନ ନିକଟରେ ମଧ୍ୟ ବଡ ଧରଣର ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି । ରୁଷ-ୟୁକ୍ରେନ୍ ଯୁଦ୍ଧ ଭିତରେ ୟୁକ୍ରେନବାସୀଙ୍କୁ ଏପରି ଆଶ୍ୱାସନା ଦେଇଛନ୍ତି ଜେଲେନସ୍କି । ରୁଷ ସେନାକୁ କଡ଼ା ଜବାବ ଦିଆଯିବ ବୋଲି ୟୁକ୍ରେନ୍ ▶▶ପୃଷ୍ଠା ୭

ଇଭିଏମରେ ସିଲ୍ ହେଲା ଯୋଗୀ ଆଦିତ୍ୟନାଥଙ୍କ ଭାଗ୍ୟ

ନୂଆଦିଲ୍ଲୀ, ୦୩/୦୩ : ଉତ୍ତରପ୍ରଦେଶରେ ୭ଟି ପର୍ଯ୍ୟାୟରୁ ଷଷ୍ଠ ପର୍ଯ୍ୟାୟ ପାଇଁ ମତଦାନ ସରିଛି । ଆଜି ୧୦ ଜିଲ୍ଲାର ୫୭ଟି ଆସନରେ ୬୭୬ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହୋଇଛି । ଏହି ଆସନ ମଧ୍ୟରୁ ସମସ୍ତଙ୍କ ନଜର ରହିଛି ଗୋରଖପୁର ବିଧାନସଭା ଆସନ ଉପରେ । କାରଣ ଏହି ବିଧାନସଭା ଆସନର ପ୍ରାର୍ଥୀ ଯୋଗୀ ଆଦିତ୍ୟନାଥ । ଯୋଗୀଙ୍କୁ ହରାଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ନିଜ ନିଜର ହେବିୱେଟଙ୍କୁ ପ୍ରାର୍ଥୀ କରିଛନ୍ତି । ଷଷ୍ଠ ପର୍ଯ୍ୟାୟରେ ୫୭ଟି ଆସନରେ ପଡିଲା ଭୋଟ୍ । ଏଥର ଗୋରଖପୁର କାହାର ? ଆଜି ୟୁପିରେ ଷଷ୍ଠ ପର୍ଯ୍ୟାୟ ପାଇଁ ଭୋଟ୍ ପଡିଛି । ରାଜ୍ୟରେ ୧୦ଟି ଜିଲ୍ଲାରେ ୫୭ ଟି ବିଧାନସଭା ଆସନରେ ୬ ଶହ ୭୬ ପ୍ରାର୍ଥୀ ରହିଛନ୍ତି । ଭୋଟର ସଂଖ୍ୟା ରହିଛି ୨ କୋଟି ୧୫ ଲକ୍ଷ । ୫୭ ଆସନ ମଧ୍ୟରୁ ସମସ୍ତଙ୍କ ନଜର ରହିଛି ଗୋରଖପୁର ବିଧାନସଭା ଆସନ ଉପରେ । ଯେଉଁଠୁ ପ୍ରାର୍ଥୀ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଯୋଗୀଙ୍କ ବିରୁଦ୍ଧରେ କଂଗ୍ରେସ ନେତା ଚେତନ ପାଣ୍ଡେ, ସପାରୁ ଶୁଭାବତି ଶୁକ୍ଳା ଓ ▶▶ପୃଷ୍ଠା ୭

ୟୁକ୍ରେନରୁ ଫେରିଲେଣି ୬୨୦୦ରୁ ଅଧିକ ଭାରତୀୟ

୭୪୦୦ରୁ ଅଧିକ ଭାରତୀୟ ଆସନ୍ତା ଦୁଇ ଦିନ ମଧ୍ୟରେ ସ୍ୱଦେଶ ଫେରିବେ

ନୂଆଦିଲ୍ଲୀ, ୦୩/୦୩ (ନି.ପ୍ର): - ୟୁକ୍ରେନରେ ଫସି ରହିଥିବା ଭାରତୀୟମାନଙ୍କୁ ଫେରାଇ ଆଣିବା ଲାଗି 'ଅପରେସନ ଗଙ୍ଗା' ଅଧୀନରେ ଭାରତ ଏକ ବ୍ୟାପକ ଉଦ୍ଧାର ଅଭିଯାନ ଜାରି ରଖିଛି । ଦ୍ରୁତ ଗତିରେ ଭାରତୀୟମାନଙ୍କୁ ଫେରାଇ ଆଣିବା ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସହ ନିବିଡ଼ ସହଯୋଗରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସମସ୍ତ ପ୍ରକାର ପ୍ରୟାସ କରୁଛି । ଦ୍ରୁତ ଉଦ୍ଧାର ପ୍ରକ୍ରିୟାରେ ଇଣ୍ଡିଆନ ଏୟାର ଲାଇନ୍ସ ନିଜର ସବୁ ସମ୍ବଳକୁ ବିନିଯୋଗ କରୁଛି । ଚାରି ଜଣ କେନ୍ଦ୍ର ମନ୍ତ୍ରୀ – ହରଦୀପ ସିଂ ପୁରୀ, ଜ୍ୟୋତିରାଦିତ୍ୟ ଏମ ସିନ୍ଧିଆ, କୀରନ ରିଜିଜୁ ଏବଂ ଜେନେରାଲ ଭି.କେ. ସିଂ ଉଦ୍ଧାର କାର୍ଯ୍ୟ ତଦାରଖ ଓ ସହାୟତା କରିବା ଲାଗି ୟୁକ୍ରେନ ନିକଟବର୍ତୀ ଦେଶକୁ ଯାଇଛନ୍ତି । ଭାରତୀୟ ବେସାମରିକ ବିମାନ ସହିତ ଭାରତୀୟ ବାୟୁସେନାର ବିମାନ ନିୟମିତ ଭାବେ ଅଟକ ରହିଥିବା ଭାରତୀୟ ଛାତ୍ରଛାତ୍ରୀଙ୍କୁ ଲଗାତାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ଉଦ୍ଧାର ପ୍ରକ୍ରିୟା ଫେବୃଆରୀ ୨୨ ତାରିଖରୁ ଆରମ୍ଭ ହୋଇଥିଲା । ବର୍ତମାନ ସୁଦ୍ଧା ୬୨୦୦ରୁ ଅଧିକ ଭାରତୀୟ ଫେରି ଆସିଛନ୍ତି । ଆଜି ୧୦ଟି ସ୍ୱତନ୍ତ୍ର ବେସାମରିକ ବିମାନ ଜରିଆରେ ୨୧୮୫ ଜଣ ଭାରତୀୟ ସ୍ୱଦେଶ ଫେରିଛନ୍ତି । ଆଜି ବୁକାରେଷ୍ଟରୁ ୫ଟି, ବୁଦାପେଷ୍ଟରୁ ୨ଟି, କୋସିକେରୁ ▶▶ପୃଷ୍ଠା ୭

ଆମେ ପୁଟିନଙ୍କୁ ଯୁଦ୍ଧ ବନ୍ଦ କରିବାର ଆଦେଶ ଦେଇପାରିବା ନାହିଁ : ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ, ୦୩/୦୩ : ଜଣେ ଓକିଲ ୟୁକ୍ରେନରେ ଫଶିଥିବା ଭାରତୀୟ ଛାତ୍ରଙ୍କ ସମସ୍ୟା ସୁପ୍ରିମ୍‌କୋର୍ଟରେ ରଖିଥିଲେ। ଏହାଉପରେ ଚିଫ ଜଷ୍ଟିସ୍ ଏନ୍‌ବି ରମନା କହିଛନ୍ତି ଯେ ଆମର ଛାତ୍ରଙ୍କ ସହିତ ଅନୁକମ୍ପା ଅଛି, କିନ୍ତୁ କୋର୍ଟ ଏଥିରେ କିଛି କରିପାରିବେ ନାହିଁ। ଆମେ ପୁଟିନ୍‌ଙ୍କୁ ଯୁଦ୍ଧ ରୋକିବା ଆଦେଶ ଦେଇପାରିବେ ନାହିଁ। ସରକାର ଅତ୍ୟାବଶ୍ୟକ ପଦକ୍ଷେପ ଉଠାଉଛନ୍ତି। ଆମେ ଅଟାର୍ନୀ ଜେନେରାଲଙ୍କୁ ପଚାରିବା ଯେ ଆଉ କ'ଣ କରାଯାଇପାରେ। ଗୁରୁବାର ଦିନ ଏକ ଆବେଦନକୁ ବରିଷ୍ଠ ଓକିଲ ଏମ୍.କେ. ଧର ଚିଫ୍ ଜଷ୍ଟିସ୍‌ଙ୍କ ଅଧ୍ୟକ୍ଷତାବାଲା ବେଂଚର ଆଗରେ ପ୍ରସ୍ତୁତ କରି କହିଛନ୍ତି ଏହା ଉପରେ ଜଲ୍‌ଦି ଶୁଣାଣୀର ଦାବି କରିଛନ୍ତି। ସେ ଚିଫ୍ ଜଷ୍ଟିସ୍‌ଙ୍କୁ କହିଛନ୍ତି ଯେ ରୋମାନିଆର ସୀମା ଉପରେ କେତେକ ଛାତ୍ର ଫସି ରହିଛନ୍ତି। ତେବେ କୋର୍ଟ କହିଛନ୍ତି ଆମେ ଏଥିରେ କ'ଣ କରିପାରିବା। ଏଥିରେ ସରକାର ପଦକ୍ଷେପ ଉଠାଇଛନ୍ତି। ଆମକୁ ଛାତ୍ରଙ୍କ ସହିତ ଅନୁକମ୍ପା ରହିଛି। ଆମେ ଆଟାର୍ନି ଜେନେରାଲ୍‌ଙ୍କ ସହି ଏ ବିଷୟରେ ସାହାଯ୍ୟ ପାଇଁ କହିବୁ।

ୟୁକ୍ରେନ୍ ସଙ୍କଟ: ଆରମ୍ଭ ହେଲା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

ନୂଆଦିଲ୍ଲୀ, ୦୩/୦୩ : ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ସଙ୍କଟ ଭିତରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତିଆଲୋଚନା ବସିଛି। ବେଲାରୁଷ-ପୋଲାଣ୍ଡ ସୀମାରେ ଉଭୟ ଦେଶ ମଧ୍ୟରେ ଶାନ୍ତି ପାଇଁ ଆରମ୍ଭ ହୋଇଛି ବୈଠକ । ବୈଠକରେ ରୁଷ ଏବଂ ୟୁକ୍ରେନ୍ ପ୍ରତିନିଧିମଣ୍ଡଳ ଉପସ୍ଥିତ ଅଛନ୍ତି । ରୁଷ ବିଦେଶ ମନ୍ତ୍ରାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ବେଲାରୁଷରେ ପୁଣି ଥରେ ଆଲୋଚନା ଆରମ୍ଭ ହୋଇଛି । ଅନ୍ୟପଟେ ରୁଷ ରାଷ୍ଟ୍ରପତିଘଙ୍କ ସହ ସିଧାସଳଖ ଆଲୋଚନା ପାଇଁ ଚାହିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି । ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ହେଲେ ଯୁଦ୍ଧ ବନ୍ଦ ହେବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନସ୍କି କହିଛନ୍ତି। ସେହିପରି ରୁଷ ତୁରନ୍ତ ଯୁଦ୍ଧ ବିରତି କରୁ ବୋଲି ୟୁକ୍ରେନ୍ ପ୍ରତିନିଧି ମଣ୍ଡଳ ଦାବି କରିଛନ୍ତି । ପୂର୍ବରୁ ଫେବୃଆରୀ ୨୮ ତାରିଖରେ ପ୍ରଥମେ ବୈଠକ ହୋଇଥିବା । ତେବେ କୌଣସି ନିଷ୍କର୍ଷ ନବାହାରିବାରୁ ଯୁଦ୍ଧ ଜାରି ରଖିଥିଲା ରୁଷ । ବର୍ତ୍ତମାନ ସୁଦ୍ଧା ୟୁକ୍ରେନ୍‌ର ଅନେକ ସହରରେ କବ୍‌ଜା କରିସାରିଛି ରୁଷ ।

ଭୂସ୍ଖଳନ ଯୋଗୁ ଜାମ୍ମୁ-ଶ୍ରୀନଗର ରାଜମାର୍ଗ ବନ୍ଦ

ଜମ୍ମୁ, ୦୩/୦୩ (ନି.ପ୍ର): ଗୁରୁବାର ଦିନ ରାମବାନ୍ ଜିଲ୍ଲାର ବାନିହଲ କେ ଅନ୍ତର୍ଗତ ଚମାଲଓ୍ୱାସ ଅଂଚଳରେ ଭୂସ୍ଖଳନ ହେତୁ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ପୁଣି ଥରେ ଯାତାୟତ ପାଇଁ ବନ୍ଦ ହୋଇଯାଇଥିଲା । ଏହି ଅଂଚଳର ରାଜପଥରେ ପର୍ବତରୁ ବଡ଼ ବଡ଼ ପଥର ମଧ୍ୟ ପଡ଼ିଛି । ଟ୍ରାଫିକ ପୋଲିସର ସୂଚନାନୁସାରେ, ବାନିହାଲର ଚାମଲଓ୍ୱାସ ଅଂଚଳର ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ମଝିରେ ବିରାଟ ପଥର ପଡ଼ିଥିଲା । ଏହି କାରଣରୁ ଉଭୟ ପାର୍ଶ୍ୱରୁ ଛୋଟ ଏବଂ ବଡ଼ ଯାନର ଲମ୍ବା ଧାଡ଼ି ଗଠନ କରାଯାଇଥିଲା । ରାଜପଥରୁ ଆବର୍ଜନା ସଫାକରିବାକୁ ଜେସିବିର ସାହାଯ୍ୟ ନିଆଯାଉଥିଲା । ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ରାଜପଥର ନୂତନ ସ୍ଥିତି ଯାଂଚ କରିବାକୁ ଟ୍ରାଫିକ ପୋଲିସ ଲୋକଙ୍କୁ ନିବେଦନ କରିଛି ।

ଯୁଦ୍ଧ ଯୋଗୁଁ ବଢିଲା ଖାଇବା ତେଲ ଦର

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧର ପ୍ରଭାବ ଏବେ ଖାଇବା ତେଲ ଉପରେ ପଡ଼ିଛି। ୟୁକ୍ରେନରେ ଯୁଦ୍ଧ ପାଇଁ ରାଜ୍ୟରେ ଖାଇବା ତେଲ ଦର ବଢ଼ିଛି। ସନଫ୍ଲାୱାର ଓ ପାମୋଲିନ୍ ତେଲ ଦର ଆକାଶଛୁଆଁ ହୋଇଛି। ସନଫ୍ଲାୱାର୍ ଓ ପାମୋଲିନ୍ ଦର ଲିଟର୍ ପିଛା ଏକାଥରକେ ୨୦ ଟଙ୍କା ବୃଦ୍ଧି ପାଇଛି। ଆଗକୁ ମଧ୍ୟ ଦର ଆହୁରି ବଢ଼ିପାରେ ବୋଲି କଟକ ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ କୁହାଯାଇଛି। ତେବେ ଖାଇବା ତେଲ ଦର ଏକାଥରକେ ୨୦ ଟଙ୍କା ବଢ଼ିଥିବାରୁ ଖାଉଟିଙ୍କର ଚିନ୍ତା ବଢ଼ାଇ ଦେଇଛି। ବିଶେଷକରି ମଧ୍ୟବର୍ଗୀୟଙ୍କୁ ଏହି ବର୍ଦ୍ଧିତ ଦର ଅଧିକ ବାଧିବ। ତେବେ ଆଗକୁ ବାକି ଖାଦ୍ୟ ସାମଗ୍ରୀ, ପେଟ୍ରୋଲ୍ ଓ ଡିଜେଲ୍ ଦର ମଧ୍ୟ ବୃଦ୍ଧି ପାଇପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ସନ୍ ଫ୍ଲାୱାର ତେଲ ମୁଖ୍ୟତଃ ୟୁକ୍ରେନରୁ ଆମଦାନୀ ହୋଇଥାଏ। ତେବେ ୟୁକ୍ରେନରେ ଯୁଦ୍ଧ ଲାଗିବାରୁ ତେଲ ଆସିପାରୁନି। ଯେଉଁ କାରଣରୁ ତେଲ ଦର ବଢ଼ିଛି। ଅନ୍ୟପକ୍ଷରେ ଇଣ୍ଡୋନେସିଆରେ ଗତ ମାସେ ହେବ ପାମୋଲିନ୍ ତେଲ ବଢ଼ିଚାଲିଛି। ତେଣୁ ଓଡ଼ିଶାରେ ମଧ୍ୟ ପାମୋଲିନ ଦର ବଢ଼ିଛି।

ନବରଙ୍ଗପୁର ଓ କଳାହାଣ୍ଡିରେ ଭୂମିକମ୍ପ



ଭୁବନେଶ୍ୱର, ୦୩/୦୩ (ନି.ପ୍ର): ନବରଙ୍ଗପୁର ଓ କଳାହାଣ୍ଡିରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ପୂର୍ବାହ୍ନ ୧୧ଟା ୨୩ ମିନିଟ୍ ୩୪ ସେକେଣ୍ଡ ସମୟରେ ନବରଙ୍ଗପୁର ଜିଲ୍ଲାର ଝରିଗାଁ ଓ ଚନ୍ଦାହାଣ୍ଡି ଏବଂ କଳାହାଣ୍ଡି ଜିଲ୍ଲାର କେତେକ ଅଂଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଏହି ଅଂଚଳରେ କେତେକ ଘରର କାନ୍ଥରେ ଫାଟ ଦେଖିବାକୁ ମିଳିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଭୂପୃଷ୍ଠର ୯ କିଲୋମିଟର ଗଭୀରରେ ୧୯.୬୦ ଅକ୍ଷାଂଶ ଓ ୮୨.୭୦ ଦ୍ରାଘିମାରେ ଏହି ଭୂମିକମ୍ପ ୬ରୁ ୭ ସେକେଣ୍ଡ ଯାଏ ଅନୁଭୂତ ହୋଇଥିଲା। ଭୂମିକମ୍ପର ତୀବ୍ରତା ରିକ୍ଟର ସେଲରେ ୩.୫ ଥିବା ଜଣାପଡ଼ିଛି। ପାଖାପାଖି ୧୪ଟି ପଂଚାୟତରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମଧ୍ୟାହ୍ନରେ ଚନ୍ଦାହାଣ୍ଡିରେ ଏକ ପ୍ରଚଣ୍ଡ ଶବ୍ଦ ହେବା ସହ ଘର ଥରିବାକୁ ଲାଗିଥିଲା। ଅଳ୍ପ କିଛି ମାତ୍ର ସେକେଣ୍ଡ ପାଇଁ ଏପରି ଅନୁଭୂତ ହୋଇଥିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

ଜଳପଥରେ ୟୁକ୍ରେନ୍ ଉପରେ ହୋଇପାରେ ବଡ ଆକ୍ରମଣ

ନୂଆଦିଲ୍ଲୀ, ୦୩/୦୩ : ସମୁଦ୍ର ରାସ୍ତାରେ ୟୁକ୍ରେନ୍ ଉପରେ ହୋଇପାରେ ବଡ଼ ଆକ୍ରମଣ । 'ବ୍ଲାକ୍ ସି'ରେ ଅନେକ ସଂଖ୍ୟାରେ ରୁଷ ସୈନିକ ଏକାଠି ହେଉଥିବା ସୂଚନା ମିଳିଛି । କ୍ରିମିୟାରୁ ୟୁକ୍ରେନ୍ ଆଡକୁ ରୁଷ ଯୁଦ୍ଧ ଜାହାଜ ଆଗକୁ ବଢୁଥିବାର ଭିଡିଓ ଦେଖିବାକୁ ମିଳିଛି । ଦକ୍ଷିଣ ପଟୁ ୟୁକ୍ରେନ୍ ଉପରେ ବଡ଼ ଆକ୍ରମଣ କରାଯାଇପାରେ ବୋଲି ଆଶଙ୍କା କରାଯାଉଛି । ଲଗାତର ୮ ଦିନ ହେବ ୟୁକ୍ରେନ୍ ଉପରେ ଆକ୍ରମଣ ହେଉଛି । ରକେଟ୍ ଓ ▶▶ପୃଷ୍ଠା ୭

ୟୁକ୍ରେନ୍‌ରୁ ଓଡିଆଙ୍କ ଉଦ୍ଧାର ପାଇଁ ୪ ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ୟୁକ୍ରେନରେ ଫସିଥିବା ଓଡ଼ିଆଙ୍କ ଉଦ୍ଧାର ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ୪ ଜଣ ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ଦାୟିତ୍ୱ ଦେଇଛନ୍ତି। ୟୁକ୍ରେନ ସହ ଅନ୍ୟ ଦେଶକୁ ଚାଲି ଯାଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ନିଯୁକ୍ତ କରିଛନ୍ତି ଓଡ଼ିଶା ସରକାର। ଏଥିପାଇଁ ନୂଆଦିଲ୍ଲୀ ଆବାସିକ କମିଶନଙ୍କ କାର୍ଯ୍ୟାଳୟ ନୋଡାଲ ଅଫିସ ହେବ ବୋଲି ଘୋଷଣା କରାଯାଇଛି । ସମ୍ପୃକ୍ତ ଅଧିକାରୀ ମାନେ ଆବାସିକ କମିଶନ ଓ ସମ୍ପୃକ୍ତ ଦେଶ ମାନଙ୍କ ସହ ଯୋଗାଯୋଗ କରି ଓଡିଆ ଛାତ୍ରଛାତ୍ରୀ ଓ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ନେଇ କାମ କରିବେ। ଏସମ୍ପର୍କରେ ଓଡିଶା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନର ଅନୁଯାୟୀ ପୋଲାଣ୍ଡ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଦାୟିତ୍ୱ ବିକ୍ରମାଦିତ୍ୟଙ୍କୁ ଦିଆଯାଇଛି । ବର୍ତମାନ ସେ କିଟ୍ ଓ କିସ ବିଶ୍ୱବିଦ୍ୟାଳୟର ଉପସଭାପତି ଅଛନ୍ତି ବିକ୍ରମାଦିତ୍ୟ। ସେହିଭଳି ହଙ୍ଗେରୀ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ୟୁଏନଏଚସିଆରର ବରିଷ୍ଠ ଟିଡିପିଏସ୍ ଅଧିକାରୀ ଆରୁଷି ରାୟଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ୟୁଏନ ପଲିସି ଅଫିସର ବୈଶାଳୀ ମହାନ୍ତିଙ୍କୁ ରୋମାନିଆ ଦାୟିତ୍ୱ ମିଳିଛି । ସ୍ଲୋଭାକିଆ ପାଇଁ ହଙ୍ଗେରୀର ଅନୁରାଗ ପଟ୍ଟନାୟକଙ୍କୁ ଦାୟିତ୍ୱ ମିଳିଛି। ଉଲ୍ଲେଖ୍ୟଯୋଗ୍ୟ ଯେ ୟୁକ୍ରେନ୍ ଉପରେ ରଷିଆ ଆକ୍ରମଣ ଜାରି ରଖିଛି। ଦେଶର ଅନେକ ଛାତ୍ରଛାତ୍ରୀ ଓ ନାଗରିକ ସେଠାରେ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରେ ବହୁ ଓଡିଆ ଛାତ୍ରଛାତ୍ରୀ ମଧ୍ୟ ରହିଛନ୍ତି।

ମମତା ବାନାର୍ଜୀ ସପା ମେଂଟକୁ ଜିତାଇବାକୁ ଅନୁରୋଧ କଲେ

ବାରାଣାସୀ, ୦୩/୦୩ (ନି.ପ୍ର): ତୃଣମୂଳ କଂଗ୍ରେସର ଅଧ୍ୟକ୍ଷ ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂସଦୀୟ କ୍ଷେତ୍ର ବାରାଣାସୀରେ ଭାଜପା ଉପରେ ଖୁବ୍ ହମଲା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ନିଶାନା କରି ବିଧାନସଭା ନିର୍ବାଚନର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟରେ ସପା ମେଂଟକୁ ଜିତାଇବାର ଅନୁରୋଧ କରିଛନ୍ତି। ମମତା ମଂଚରୁ ଦେବୀ ସ୍ତୋତ

ବି.ଏନ୍. ହାଇସ୍କୁଲ ମୋ ସ୍କୁଲ୍ ଅଭିଯାନ କମିଟିର ବୈଠକ

ଘସିପୁରା,୦୩/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବି.ଏନ୍. ହାଇସ୍କୁଲ ମୋ ସ୍କୁଲ୍ ଅଭିଯାନ କମିଟିର ବୈଠକ ସଭାପତି ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୋ ସ୍କୁଲ୍ ଅଭିଯାନ କମିଟିର ସମ୍ପାଦକ ମହେଶ୍ୱର ସାହୁ, ସ୍କୁଲ୍ ର ଖେଳ ପଡିଆରେ ପାଚେରୀ ନିର୍ମାଣ ପାଇଁ ୧୮ ଲକ୍ଷ ଟଙ୍କା, ଇ-ଲାଇବ୍ରେରୀ ପାଇଁ ୩ ଲକ୍ଷ ଟଙ୍କା ଓ ସ୍କୁଲରେ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ବିନିଯୋଗ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବ ବୈଠକରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଯଥାଶିଘ୍ର ଏହି କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ନିଷ୍ପତି ନିଆଯାଇଛି । ତତସହିତ ବିଦ୍ୟାଳୟର ପୁରାତନ ଛାତ୍ର ମାନଙ୍କ ତରଫରୁ ସ୍କୁଲ୍ ର ପାଠପଢାରେ ଉନ୍ନତି ଆଣିବା ପାଇଁ ଆନନ୍ଦପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଏହି ବୈଠକରେ ସ୍କୁଲ୍ ର ପ୍ରଧାନଶିକ୍ଷକ ଉମାକାନ୍ତ ରାଉତ, ବିନୋଦ ମିଶ୍ର, ଅଶୋକ କୁମାର ସାହୁ, ନିରାକାର ଦଳେଇ, ସୁରେନ୍ଦ୍ର ଦଳେଇ, ଦୁର୍ଗା ଚରଣ ଦଳେଇ, କୀର୍ତନ ସାହୁ, ରବିନ୍ଦ୍ର କୁମାର ସା, ଗଗନ ଭଟ୍ଟାଚାର୍ଯ୍ୟ, ନିରାକାର ସାହୁ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପାଠକ ପ୍ରମୁଖ ଉପସ୍ଥିତ ଥିଲେ ।

ଭାଲିଆସାହି ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଆର.ଉଦୟଗିରି,୦୩/୦୩ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୋଭିଡ୍ ୧୯ ମହାମାରୀ କାରଣରୁ ୨ ବର୍ଷର ଅବଧି ପରେ ସୋମବାର ଦିନ ଭାଲିଆସାହିର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱାଗତ ସମାରୋହ ଆୟୋଜନ କରାଯାଇଥିଲା । ଦୀର୍ଘ ଦିନ ପରେ ପ୍ରଥମ ଶ୍ରେଣୀରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କର ଆଗମନରେ ବିଦ୍ୟାଳୟ ଉପବନ ପୁଲକିତ ହେବା ସହ ବିଦ୍ୟାଳୟ ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା । ସ୍ୱାଗତ ସମାରୋହ ପରିପ୍ରେକ୍ଷୀରେ ବିଦ୍ୟାଳୟର ୮ମ, ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀ ବିଦ୍ୟାଳୟକୁ ବିଭିନ୍ନ ପ୍ରକାର ସାଜସଜ୍ଜା ସାମଗ୍ରୀରେ ସଜେଇ ଥିଲେ ଏବଂ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ବିଦ୍ୟାଳୟର ପରିଚାଳନା ସମିତି ଅଭିଭାବକ ଏବଂ ଅଭିଭାବିକା ମାନଙ୍କ ସହଯୋଗରେ ଶିଶୁ ମାନଙ୍କୁ ଫୁଲ, ଚନ୍ଦନ ଏବଂ ବନ୍ଦାପନା କରି ସ୍ୱାଗତ କରିଥିଲେ । ଯାହାକୁ ନେଇ ଶିଶୁମାନେ ଆନନ୍ଦିତ ହୋଇଥିବା ସେମାନଙ୍କର ମୁଖ ମଣ୍ଡଳରେ ଝଲସି ଉଠୁଥିଲା ।

ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୁରୀ,୦୩/୦୩ (ନି.ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ଦାଶଙ୍କୁ ସୋମବାର ଦିନ ତାଙ୍କ ସେବା ନିବୃତ ଅବସର ପାଇଁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ସୂଚନାଯୋଗ୍ୟ ଯେ, ସ୍ଥାୟୀ ପ୍ରଧାନଶିକ୍ଷକ ସ୍ୱର୍ଗତଃ ସୁଦର୍ଶନ ଜେନାଙ୍କ କରୋନାରେ ଦେହାନ୍ତ ପରେ ଶ୍ରୀଯୁକ୍ତ ଦାଶ ପ୍ରଧାନଶିକ୍ଷକ ଦାୟିତ୍ୱ ଭାର ଗ୍ରହଣ କରିଥିଲେ । ସେ ଜଣେ କର୍ମଠ ଓ ନୀତିବାନ୍ ମଣିଷ ସହ ଛାତ୍ରଛାତ୍ରୀମାନଙ୍କୁ ଖୁବ୍ ଭଲ ପାଉଥିଲେ । ସେ ସବୁବେଳେ ପିଲାମାନଙ୍କୁ ସ୍ନେହ ଆଦର କରୁଥିଲେ । ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପୁରୀ ଜିଲ୍ଲା ଭାରପ୍ରାପ୍ତ ଶିକ୍ଷାଧିକାରୀ ମମତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଭୂୟଂଶୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସାମଥ, କେଦାରନାଥ ଜେନା, ଲିଙ୍ଗରାଜ ଜେନା, ନରେନ୍ଦ୍ର କୁମାର ସାମଲ, ଓଷ୍ଟାର ସଭାପତି ବିନୋଦ ବିହାରୀ ପ୍ରାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ଦାଶ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷା ପ୍ରଦୀପର ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ପ୍ରଦୀପ ପଲାଇ, ଲକ୍ଷ୍ମୀଧର ଉପାଧ୍ୟାୟ, ନବକିଶୋର ପ୍ରଧାନ ଓ ସନାତନ ତରାଇ ପ୍ରମୁଖ ଯୋଗଦେଇ ଶ୍ରୀ ଦାଶଙ୍କ କର୍ମମୟ ଜୀବନାଦର୍ଶନ ସହ ଗୁଣଗାନ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାଦପ୍ତର ପ୍ରାକ୍ତନ ବିତାଧିକାରୀ ଏକାଦଶୀ ଜେନା କହିଲେ ଯେ ଶ୍ରୀ ଦାଶ ଜଣେ ସୁବକ୍ତା, ସୁସଂଗଠକ ସହ ମିଷ୍ଟଭାଷୀ ଶିକ୍ଷକ ଥିଲେ । ବ୍ରହ୍ମପୁର ଗ୍ରାମବାସୀ ,ପୁରାତନ ଓ ବର୍ତମାନର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ କମିଟିର କର୍ମକର୍ତାମାନେ ଶ୍ରୀ ଦାଶଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପବିତ୍ର ମୋହନ ଦାସ, ଜେମୁଲ ହୋସେନ୍ , ଅଶୋକ ଜେନା ,ରମେଶ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

ଯାଦୁଗିନିକା ଭ୍ୟାନକୁ ଉଦଘାଟନ କଲେ ପୁରୀ ବିଧାୟକ

ପୁରୀ,୦୩/୦୩ (ନି.ପ୍ର): ଆର୍ଥିକ ସ୍ୱାକ୍ଷରତା କାର୍ଯ୍ୟକ୍ରମ 'ଯାଦୁ ଗିନି କା'ଭ୍ୟାନର ଉଦଘାଟନ କରିଛନ୍ତି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ । ଭୋଡ଼ାଫୋନ ଆଇଡ଼ିଆ ଫାଉଣ୍ଡେସନ, ଲର୍ଣ୍ଣିଙ୍ଗ ଲିଙ୍କ ଫାଉଣ୍ଡେସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲିମୋଚି ସାହି ବିଜୟଲକ୍ଷ୍ମୀ କମ୍ୟୁନିଟି ସେଂଟର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡ଼ିଜିଟାଲ ସ୍ୱାକ୍ଷରତା ଅଭିଯାନରେ ଆର୍ଥିକ ସ୍ୱାକ୍ଷରତା, ଡ଼ିଜିଟାଲ ସ୍ୱାକ୍ଷରତା, ଯାଦୁ ଗିନି କା ଗଲି ଗଲି ଗାଁଓ ଗାଁଓ ପ୍ରକଳ୍ପ ଗୁଡ଼ିକ ଭ୍ରାମ୍ୟମାଣ ଗାଡ଼ିଦ୍ୱାରା ଜିଲ୍ଲାରେ ପ୍ରଚାର କରାଯିବ । ଜନସେବା କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ସ୍ୱର୍ଣ୍ଣପ୍ରଭା ସିଂ, ଓଡ଼ିଶା ରାଜ୍ୟ ମୁଖ୍ୟ ଲର୍ଣ୍ଣିଙ୍ଗ ଲିଜ ଫାଉଣ୍ଡେସନର ଅସୀମା ସିଂ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ପୁରୀ ଜିଲ୍ଲାରେ ୩୦ ହଜାର ଲୋକଙ୍କୁ ଆର୍ଥିକ ଓ ଡ଼ିଜିଟାଲ ସ୍ୱାକ୍ଷରତା କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଲ କଲେଜ ପକ୍ଷରୁ ସେବା ଶିବିର

ପୁରୀ,୦୩/୦୩ (ନି.ପ୍ର): ମହାଶିବ ରାତ୍ରି ଜାଗର ଉପଲକ୍ଷେ ଶ୍ରୀ ଲୋକନାଥଙ୍କ ଜାଗର ପଡିଆରେ ଜିଏମ୍ ଲ' କଲେଜର ପକ୍ଷରୁ ଜାତୀୟ ସେବା ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ଛାତ୍ରଛାତ୍ରୀମାନେ ଜଳ ବଂଟନ ଓ ଅନ୍ୟାନ୍ୟ ସୁବିଧା ଭକ୍ତମାନଙ୍କୁ ଯୋଗାଇ ଦେଇଥିଲେ ।

ଏହି ସେବା ଶିବିରରେ ସାଗର ପାତ୍ର, ରବିନାରାୟଣ ନାୟକ, ମାନସ ଚନ୍ଦ୍ର ନାୟକ, ସତ୍ୟରଞ୍ଜନ ସାହୁ, ଦେବଦତ ସ୍ୱାଇଁ, ଅଭିଜିତ ପଟ୍ଟନାୟକ, ବୃନ୍ଦାବନ ଦାସ, ରୁଦ୍ରନାରାୟଣ ପଟ୍ଟନାୟକ, ରୋଜାଲିନ ସାହୁ, ପ୍ରତିକ୍ଷା ପ୍ରିୟଦର୍ଶନୀ ପଟ୍ଟନାୟକ,ରଞ୍ଜନ ମୁଦୁଲି, ସୌମ୍ୟରଞ୍ଜନ ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରାଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀମାନେ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ସେବା ଯୋଗାଇ ଦେଇଥିଲେ । କଲେଜର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିବିର ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ ।

ଟ୍ରାଫିକ୍ ସମସ୍ୟା ପାଇଁ ଦୁଇଟି ବ୍ୟାଙ୍କ ସିଲ୍ କଲେ ଟିଟଲାଗଡ଼ ଉପଜିଲ୍ଲାପାଳ

ବଲାଙ୍ଗିର ,୦୩/୦୩ (ନି.ପ୍ର): ଟିଟିଲାଗଡ ସହରରେ ଦିନକୁ ଦିନ ବୃଦ୍ଧି ପାଉଥିବା ଟ୍ରାଫିକ ସମସ୍ୟା କୁ ନେଇ ସହରବାସୀ ବେହାଲ ଥିବାବେଳେ ପ୍ରଶାସନ ପାଇଁ ମଧ୍ୟ ସହରର ଟ୍ରାଫିକ ସମସ୍ୟା କୁ ନିୟନ୍ତ୍ରଣ କରିବା ତଥା ବେଆଇନ ଭାବରେ ଥିବା ସହରର ମୁଖ୍ୟ ରାସ୍ତା ଗୁଡ଼ିକୁ ଜବରଦଖଲ ରୁ ମୁକ୍ତ କରିବା ମୁଣ୍ଡ ବିନ୍ଧା ର କାରଣ ପାଲଟିଛି।। ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ତଥା ଅହେତୁକ ଯାନ ବାହାନ ବୃଦ୍ଧି ଏବଂ ମୁଖ୍ୟତଃ ରାସ୍ତା କଡର ବେଆଇନ ପାର୍କିଂ ଯୋଗୁଁ ଦିନ କୁ ଦିନ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିବାରେ ଲାଗିଛି। ତେବେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗତ କିଛିଦିନ ଧରି ଅଣ୍ଟା ଭିଡ଼ିଛି ଟିଟିଲାଗଡ ପୌର ପ୍ରଶାସନ। କିଛିଦିନ ପୂର୍ବରୁ ସହର ମଧ୍ୟରେ ବେଆଇନ ପାର୍କିଂ ତଥା ଉଠା ଦୋକାନୀ ଙ୍କୁ ଉଚ୍ଛେଦ କରିବା ଏବଂ ଦେକାନ ଗୃହ ବାହାରେ ମୁଖ୍ୟ ରାସ୍ତାକୁ ମାଡ଼ି ବସିଥିବା ଦୋକାନୀ ମାନଙ୍କୁ ନିଜ ନିଜ ସୀମା ମଧ୍ୟରେ ରଖାଯାଇ ଥିବା ବେଳେ ସହରର ଜନ ଗହଳି ପୂର୍ଣ୍ଣ ରାସ୍ତା ଷ୍ଟେସନ ରୋଡ କୁ ନେ। ପାର୍କିଂ ଜୋନ ଭାବରେ ପୌର ପରିଷଦ ପକ୍ଷରୁ ପୌର ନିର୍ବାହୀ ଅଧିକାରୀ ତଥା ଟିଟିଲାଗଡ ଉପଜିଲ୍ଲାପାଳ ମହାଜନ ମନୋଜ ସତ୍ୟବାନ ଘୋଷଣା କରିଥିଲେ।ଅପର ପକ୍ଷରେ ଦେଶ ର ଏହା ଏକ ପ୍ରମୁଖ ରେଳ ଜଙ୍କସନ ହୋଇଥିବା ଯୋଗୁଁ ପ୍ରତିଦିନ ଏଠାରେ ହଜାର ହଜାର ରେଳ ଯାତ୍ରୀ ଙ୍କ ଯାତାୟାତ ମଧ୍ୟ ହୋଇଥାଏ ।ସହର ମଧ୍ୟରେ ବିଭିନ୍ନ ବ୍ୟାଙ୍କ ରାସ୍ତା ଉପରେ ଥିବାବେଳେ ସେମାନଙ୍କ ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ ଥିବା ଯୋଗୁଁ ବ୍ୟାଙ୍କ କାରବାର ସମୟରେ ରାସ୍ତା ଉପରେ ବେଆଇନ ଭାବରେ ପାର୍କିଂ କରାଯାଉଥିବା ବେଳେ ରାସ୍ତା ଜାମ ଭଳି ପରିସ୍ଥିତି ପ୍ରତିଦିନ ସୃଷ୍ଟି ହୋଇଥାଏ।ତେବେ ଆଜି ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବ୍ୟାଙ୍କ ଅଫ ବରୋଦା ଓ ଏଚ ଡି ଏଫ୍ ସି ବ୍ୟାଙ୍କ ସମ୍ମୁଖରେ ବେଆଇନ ପାର୍କିଂ ହୋଇ ରାସ୍ତା ଜାମ ଭଳି ପରିସ୍ଥିତି ଉତ୍ପନ୍ନ ହେବା ଦେଖି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଟିଟିଲାଗଡ ଉପଜିଲ୍ଲାପାଳ ଏହି ଦୁଇଟି ବ୍ୟାଙ୍କ କୁ ସିଲ୍ କରିଥିଲେ।

ଭୁବନ ଏନଏସି : ବିଶ୍ୱଜିତ ସାହୁ କଂଗ୍ରେସ ଟିକେଟ ଦାବିଦାର

ଭୁବନ,୦୩/୦୩ (ନି.ପ୍ର): ପୌର ନିର୍ବାଚନ ପାଇଁ ମନୋନୟନ ପତ୍ର ଦାଖଲର ଆଜି ଥିଲା ପ୍ରଥମ ଦିବସ । ଏଯାଏଁ ବିଜଡେ , ବିଜେପି କିମ୍ବା କଂଗ୍ରେସ କୌଣସି ଦଳ ତରଫରୁ ଅଧ୍ୟକ୍ଷ ପ୍ରାର୍ଥୀ ଚୂଡାନ୍ତ ହୋଇପାରିନାହିଁ । ବିରୋଧି ବିଜେପି , ବିଜେଡି ପ୍ରାର୍ଥୀ ଚୟନ କୁ ଅପେକ୍ଷା କରିଥିବା ବେଳେ ସର୍ବପୁରାତନ ଦଳ କଂଗ୍ରେସ ମଧ୍ୟ ତାର ପ୍ରାର୍ଥୀ ଘୋଷଣା କରିନାହିଁ । ଯୁବ ନେତା ବିଶ୍ୱଜିତ ସାହୁ ଙ୍କ ସମର୍ଥକ ଙ୍କ ମତରେ କଂଗ୍ରେସ ଟିକେଟ ପାଇଁ ବିଶ୍ୱଜିତ ହିଁ ଏକମାତ୍ର ଦାବିଦାର କାରଣ ଶ୍ରୀ ସାହୁ ଦୀର୍ଘ ୨୦ ବର୍ଷ ହେଲା କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ ତଥା ସଚ୍ଚା କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି । ଗତ ୨୦୦୪ ମସିହା ସାଧାରଣ ନିର୍ବାଚନରେ କାମାକ୍ଷାନଗର ବିଧାନସଭା ଆସନ ରୁ ଶ୍ରୀମତୀ ଶାନ୍ତାବାଲା ଜୀ କଂଗ୍ରେସ ଦଳରୁ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ତଥା ତତ୍କାଳୀନ ଭୁବନ ବ୍ଲକ ଅଧ୍ୟକ୍ଷ ସ୍ୱାଧିନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଥିଲେ । ଭୁବନ ଅଂଚଳର ସମସ୍ତ କଂଗ୍ରେସ କର୍ମୀ ସ୍ୱାଧିନ ପ୍ରାର୍ଥୀ ଙ୍କ ପାଇଁ କାମ କରୁଥିବା ବେଳେ ଏକମାତ୍ର ବ୍ୟକ୍ତି ଭାବେ ବିଶ୍ୱଜିତ ଶାନ୍ତାବାଲା ଜୀଙ୍କ ସଙ୍ଗରେ ଥିଲେ । ତାଙ୍କୁ ଧରି ବିଭିନ୍ନ ଗାଁ ଗଣ୍ଡାରେ ନିର୍ବାଚନ ପ୍ରଚାର କରିବା ସହ ଭୁବନ ବସଷ୍ଟାଣ୍ଡରେ ଏକ ସାଧାରଣ ସଭା କରି ସଫଳ ହୋଇଥିଲେ । ବିଶ୍ୱଜିତ ସେତେବେଳେ ଛାତ୍ର କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରୁଥିଲେ । ପରବର୍ତି ସମୟ ଗତ ୨୦୧୩ ପୌର ନିର୍ବାଚନରେ ଭୁବନ ଏନଏସି ର ଚର୍ଚ୍ଚିତ ତଥା ଚେୟାରମ୍ୟାନଙ୍କ ୱାର୍ଡ ୧୧ରେ ଯେତେବେଳେ କଂଗ୍ରେସ ଦଳରୁ ପ୍ରାର୍ଥୀ ହେବାକୁ କେହି ରାଜି ହୋଇନଥିଲେ ସେହି ସମୟରେ କଂଗ୍ରେସ ଦଳର ସମ୍ମାନ ରକ୍ଷା କରିବାକୁ ସେ ବିଜେଡିର ଚେୟାରମ୍ୟାନ ପ୍ରାର୍ଥିନୀ ଙ୍କ ବିରୋଧରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ । ପରବର୍ତି ସମୟରେ ତାଙ୍କୁ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଦୀର୍ଘ ୨୦ ବର୍ଷ ହେଲା ସେ ନିରବଚ୍ଛିନ ଭାବେ ଦଳରେ ରହି ନିଃସ୍ୱାର୍ଥପର ଭାବେ ଭୁବନରେ କଂଗ୍ରେସ ପାଇଁ କାର୍ଯ୍ୟ କରୁଛନ୍ତି । ଜାତି ଭିତିକ ରାଜନୀତିକୁ ଦେଖିଲେ ଭୁବନରେ ସର୍ବାଧିକ ତଥା ଜନବହୁଳ ଜାତି ହେଉଛନ୍ତି କାପୁଡିଆ ସମାଜ । ଏହି ଜାତି/ସଂପ୍ରଦାୟର ପ୍ରାୟ ୬ ହଜାର ଭୋଟ ରହିଛି । ଏହି କାରଣରୁ ଗତ ୧୯୯୨ ପୌର ନିର୍ବାଚନରେ ଏହି କାପୁଡିଆ ଜାତିର ଜଗନ୍ନାଥ ଗୁରୁ ପ୍ରତ୍ୟକ୍ଷ ଭୋଟ ପାଇ ନଗରପାଳ ହୋଇଥିଲେ । ବର୍ତମାନ ପରିସ୍ଥିତିରେ ଶ୍ରୀ ସାହୁ ଏକମାତ୍ର ବ୍ୟକ୍ତି ଯିଏକି ଅଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରିବାକୁ ଚାହୁଛନ୍ତି । ତେଣୁ ଯୁବନେତା ବିଶ୍ୱଜିତ ଙ୍କୁ କଂଗ୍ରେସ ତରଫରୁ ଟିକେଟ ଦିଆଗଲେ ଉଚିତ ହେବ ବୋଲି ତାଙ୍କ ସମର୍ଥକ ଙ୍କ ମହଲରେ ଚର୍ଚ୍ଚା ହେଉଛି । କଂଗ୍ରେସ ହାଇକମାଣ୍ଡ କଣ ନିଷ୍ପତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

୩ ଦଳ ଭିତରେ ପ୍ରାର୍ଥୀ ଚୟନକୁ ନେଇ ଚାଲିଛି ଅଙ୍କକଷା

କେନ୍ଦ୍ରାପଡ଼ା,୦୩/୦୩ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରେ ରାଜ୍ୟ ନିର୍ବାଚନ ଅଧିକାରୀ ସ୍ୱଳ୍ପ ସମୟ ଭିତରେ ପୌର ନିର୍ବାଚନ ତାରିଖ ଘୋଷଣା କରି ଦେଇଥିବାରୁ ରାଜନୈତିକ ଦଳଙ୍କ ପାଇଁ ପ୍ରାର୍ଥୀ ଚୟନ କରିବାରେ ସମସ୍ୟା ଦେଖାଇ ଦେଇଛି । ପଂଚାୟତ ନିର୍ବାଚନରେ ପ୍ରାୟ ସର୍ବ ଦଳର ନେତୃ ମଣ୍ଡଳୀ ବ୍ୟସ୍ତ ରହିଥିବାରୁ ପୌର ନିର୍ବାଚନ ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ପ୍ରତି ଦୃଷ୍ଟି ଦେଇ ନଥିଲେ । ତେବେ ହଠାତ୍ ମୁନିସିପାଲିଟି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯିବାରୁ କେନ୍ଦ୍ରାପଡା ମୁନିସିପାଲିଟିର ୨୧ଟି ୱାର୍ଡ ଓ ଗୁରୁତ୍ୱପୂର୍ଣ୍ଣ ଚେୟାରମ୍ୟାନ ପଦବୀ ପାଇଁ ଅଙ୍କକଷା ଆରମ୍ଭ ହୋଇଯାଇଛି । ବିଜେଡି, ବିଜେପି ଓ କଂଗ୍ରେସ ମୁଖ୍ୟତଃ ଏହି ୩ଦଳ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ସୂଚନା ଥିବାବେଳେ ପଂଚାୟତ ନିର୍ବାଚନରେ ଅଭୂତ ପୂର୍ବ ସଫଳତା ପାଇଥିବା ବିଜେଡି ପାଇଁ ବହୁ ଆଶାୟୀ ସମସ୍ୟା ସୃଷ୍ଟି କରିଛନ୍ତି । ବିଜେଡିର ସଫଳତା ପରେ ଦଳ ପକ୍ଷରୁ ଟିକେଟ ପାଇଲେ ଅତି ସହଜରେ ଏହି ମର୍ଯ୍ୟାଦାଜନକ ପଦବୀ ହାସଲ କରିବା ପାଇଁ ପ୍ରତିଦିନ ନୂଆ ନୂଆ ନାମ ଶୁଣିବାକୁ ମିଳୁଛି । ରାଜନୀତି କ୍ଷେତ୍ରରେ ଓ ସର୍ବ ସାଧାରଣରେ ଚର୍ଚ୍ଚିତ ନଥିବା ବହୁ ଆଶାୟୀ କୌଶଳ କରି ନିଜ ନାମକୁ ଭାଇରାଲ କରାଉଥିବା ଦେଖିବାକୁ ମିଳୁଥିବା ବେଳେ ବିଜେପି ପକ୍ଷରୁ ପୂର୍ବରୁ ଦାବିଦାର ଥିବା ବହୁ ଆଶାୟୀ ପଂଚାୟତ ନିର୍ବାଚନର ବିଫଳତାରେ ଏବେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଅମଙ୍ଗ ହେଉଥିବା ଜଣାପଡିଛି । ସେହିଭଳି କଂଗ୍ରେସର ନୈରାଶ୍ୟ ଜନକ ପ୍ରଦର୍ଶନ ଏହାର ନେତୃମଣ୍ଡଳୀ ଓ ଦଳୀୟ କର୍ମୀଙ୍କ ମନୋବଳ ଭାଙ୍ଗି ଦେଇଥିବା ବେଳେ ସେମାନେ ଆଗାମୀ ପୌର ନିର୍ବାଚନକୁ କିଭଳି ମୁକାବିଲା କରିବେ ତାହା ସ୍ଥିର କରି ପାରୁନାହାଁନ୍ତି । ଗୋଟିଏ ପଟେ ବହୁ ଆଶାୟୀଙ୍କ ଗହଳି ଓ ଅନ୍ୟ ପଟରେ ୨ଦଳର ପ୍ରାର୍ଥୀ ଅଭାବ ପୌର ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ନେତା ମାନଙ୍କୁ ଚିନ୍ତାରେ ପକାଇ ଦେଇଥିବା ଜଣାପଡିଛି ।

କନ୍ଧମାଳ ଜିଲ୍ଲା ବରିଷ୍ଠ ସଚେତନ ନାଗରିକଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୦୩/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ମାନଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମା ନାରାୟଣୀ ଯାତ୍ରା ପଡିଆଠାରେ ଥିବା ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତଥା ସାମ୍ବାଦିକ ଡ.ଅରୁପ କୁମାର ଜେନା ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ପୁର୍ବତନ କର୍ମକର୍ତା ରବିନ୍ଦ୍ରନାଥ ମିଶ୍ର,ବିଜୟ କୁମାର ମହାନ୍ତି,ନବୀନ କିଶୋର ପଣ୍ଡା,ଚକାଡୋଳା ମଲ

ଆଳୁ ମଞ୍ଚୁରିଆନ୍

ଆବଶ୍ୟକ ସାମଗ୍ରୀ: ସିଝା ଆଳୁ, ମଇଦା, କର୍ଣ୍ଣଫ୍ଲୋର, ଅଦା ଓ ରସୁଣ ପେଷ୍ଟ, କଟା କଞ୍ଚା ଲଙ୍କା, କଟା ରସୁଣ, କଟା ପିଆଜ, କଟା କ୍ୟାପସିକମ୍, ଲଙ୍କା ଗୁଣ୍ଡ, ଟମାଟୋ ସସ୍, ସୋୟା ସସ୍, ଚିଲି ସସ୍, ଭିନେଗାର, ଗୋଲ ମରିଚ ଗୁଣ୍ଡ, ଲୁଣ, ଗରମ ମସଲା, ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଆଳୁକୁ ସିଝାଇ ଦିଅନ୍ତୁ। ମନେ ରଖନ୍ତୁ ବେଶୀ ସିଝାଇବେ ନାହିଁ। ଆଳୁ ସିଝି ଗଲା ପରେ ଚୋପା ଛଡ଼ାଇ ଦେଇ ତାକୁ ପିସ୍ ପିସ୍ କରି କାଟି ଦିଅନ୍ତୁ। ଏହାପରେ ଏକ ପାତ୍ରରେ ମଇଦା, କର୍ଣ୍ଣଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ, କଲର ପାଉଡର, ଅଦା ରସୁଣ ପେଷ୍ଟ ଓ ଅଳ୍ପ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବହଳିଆ ମିଶ୍ରଣରେ କାଟି ରଖିଥିବା ଆଳୁକୁ ପକାଇ ଦିଅନ୍ତୁ। ପରେ ପ୍ୟାନରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ମସଲା ଗୋଳା ଆଳୁକୁ ପକାଇ ଛାଣନ୍ତୁ। ଆଳୁଟି ଛାଣି ହେବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ କଟା ରସୁଣ, ପିଆଜ, କ୍ୟାପ୍‌ସିକମ୍ ଓ କଞ୍ଚା ଲଙ୍କା ପକାଇ କିଛି ସମୟ ଭାଜନ୍ତୁ। ମସଲାଟି ଭାଜି ହେବା ପରେ ସେଥିରେ ସୋୟା ସସ୍, ଚିଲି ସସ୍, ଟମାଟୋ ସସ୍ ଓ ଭିନେଗାର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଅଳ୍ପ ପାଣି ଦେଇ ଗୋଳାଇ ଦିଅନ୍ତୁ। ତା'ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ ଓ ଗୋଲମରିଚ ଗୁଣ୍ଡ ପକାଇ ଦିଅନ୍ତୁ। ପରେ ଛାଣି ରଖିଥିବା ଆଳୁକୁ ପକାଇ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ଗରମ ମସଲା ପକାଇ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ମଞ୍ଚୁରିଆନ୍।

ମାସିକ ଋତୁକାଳୀନ ଖାଦ୍ୟ - ପେୟ

ଅନେକ ମହିଳା ମାସିକ ଋତୁକାଳୀନ ସମସ୍ୟା ଭୋଗନ୍ତି । ଏମାନେ ନିୟମିତ ବ୍ୟାୟାକ ସହ ଖାଦ୍ୟ-ପେୟ ପ୍ରତି ଧ୍ୟାନ ଦେବା ଉଚିତ । ଏମାନେ କମ ପରିମାଣର ଶ୍ୱେତସାରଯୁକ୍ତ ଖାଦ୍ୟ ଖାଇବା ଉଚିତ ରକ୍ତ ଶର୍କରା ସ୍ଥିର ରହିଲେ, ଓଜନ କମିଥା, । ଖାଇବା ପରେ ପରେ ହଠାତ୍ ରକ୍ତ ଶର୍କରା ବଢ଼ାଇଦେଉଥିବା ଖାଦ୍ୟ ଏମାନଙ୍କ ପାଇଁ ଅହିତକର ।

କ'ଣ ଖାଇବେ:- ଓଟ୍ ଫ୍ଲେକସ, ଗହମ ଦଲିୟା, ଅଟା ପାଉଁରୁଟି, ତଟକା ଫଳ, ସବୁଜ ପନି-ପରିବା , ଦହି ନଟସ ।

କ'ଣ ଖାଇବେ ନାହିଁ:- କର୍ନଫ୍ଲେକସ, ମଇଦା ପାଉଁରୁଟି, ନାନଳ ଭାତ ଫଳରସ, ଚିନି, ମିଠା, କ୍ୟାଣ୍ଡି ।

ଅଳ୍ପ ଖାଇବେ:- ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ, ମାଂସ, ଛଣା ଖାଦ୍ୟ, ମାଛ, ଅଭିଭ ତେଲ । ଏମାନଙ୍କ ପାଇଁ ଲୋଡ଼ା ଦୈନିକ ସର୍ବାଧିକ ୧୮୭୫ କାଲୋରି । ଏହା ପାଞ୍ଚ-ଛଅ ଥରରେ ଦେହକୁ ଯିବା ଭଲ । ଏକା ଥରେ ଅଧିକ ଖାଦ୍ୟ ଅହିତକର । ଦିନକୁ ଲୋଡ଼ା ୮-୧୦ ଗ୍ଲାସ ପାଣି । ପୁଣି, ଡାକ୍ତରଙ୍କ ପରାମର୍ଶ ନେଇ କାଲସିଅମ ଓ ଫୋଲିକ୍ ଏସିଡ୍ ପରିପୂରକ ଖାଇବା ଉଚିତ ।



ପାଦ ଓ ଆଖି ଫୁଲା

ପୁଷ୍ଟିସାର ଅଭାବରୁ ପାଦ ଫୁଲିପାରେ । ମେଦବହୁଳତା ଓ ଗୋଟିଏ ଅବସ୍ଥାରେ ଅଧିକ ସମୟ ବସିଲେ ବି ପାଦ ଫୁଲିପାରେ । ତେଣୁ, ଗୋଟିଏ ହେଉ ବା ଉଭୟ ପାଦ ଫୁଲୁଥିଲେ, ଏହାକୁ ଗମ୍ଭୀରତାର ସହ ନିଅନ୍ତୁ । ଅଧିକ ସମୟ ଛିଡ଼ା ହୋଇ କାମ କରିଛନ୍ତି ବା ଚୌକିରେ ଗୋଡ଼ ଝୁଲାଇ ବସିଛନ୍ତି କି ମନେପକାନ୍ତୁ । ଏଭଳି କିଛି ଘଟିନଥିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଶ୍ୱାସକ୍ରିୟା ଜନିତ ସମସ୍ୟା ତଥା ଥାଇରଏଡ୍ ଯୋଗୁଁ ଆଖି ଫୁଲିପାରେ ।

ଉପକାରୀ ଅପରାଜିତା ଫୁଲ ଚା'

ସାରାଦିନରେ କାର୍ଯ୍ୟବ୍ୟସ୍ତ ମଧ୍ୟରେ ଯଦି ଥକ୍କା ଅନୁଭବ କରୁଛନ୍ତି, ତେବେ ଅପରାଜିତା ଫୁଲ ଚା'ର ସେବନ କରନ୍ତୁ । ଫୁଲଟି ଦେଖିବାକୁ ଯେତିକି ସୁନ୍ଦର ଏହାର ଔଷଧୀୟ ଫାଇଦା ମଧ୍ୟ ସେତିକି ରହିଛି । ଏହି ଫୁଲରୁ ପ୍ରସ୍ତୁତ ଚା' କେବଳ ଥକାପଣ ଦୂର କରେ ତା ନୁହେଁ ବରଂ ସ୍ୱାସ୍ଥ୍ୟାକର ବିଭିନ୍ନ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ଗୋଟିଏ ଗ୍ଲାସ୍ ପାଣିକୁ ଭଲଭାବେ ଫୁଟାନ୍ତୁ । ସେଥିରେ ଚିନି ଏବଂ ଅପରାଜିତା ଫୁଲ ପକାଇ ୧କପ ହେବା ଯାଏ ଗରମ କରନ୍ତୁ । ଧୀରେଧୀରେ ପାଣିର ରଙ୍ଗ ନୀଳ ରଙ୍ଗ ଧାରଣ କରିବା ପରେ ଏହାକୁ ସେବନ କରନ୍ତୁ । ଗ୍ରୀନ ଟି' କୁ ମଧ୍ୟ ଏହି ଚା' ମାତ ଦେବାରେ ସକ୍ଷମ । ପ୍ରତିଦିନ ସକାଳ ଅବା ସନ୍ଧ୍ୟାରେ ଏହି ଚା' ସେବନ କଲେ ସଂକ୍ରମଣ ଜନିତ ସମସ୍ୟା, ଚର୍ମରୋଗ ମଧ୍ୟ ଭଲ ହୋଇଥାଏ ।

ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ, ଏହି ଫୁଲକୁ ଶୁଖାଇ ଏଥିରେ ଗୁଣ୍ଡ ମଧ୍ୟ ପ୍ରସ୍ତୁତ କରାଯାଏ । ଏହି ଗୁଣ୍ଡକୁ ଚିନି ଓ ପାଣି ସହ ମିଶାଇ ସରବତ ଆକାରରେ ମଧ୍ୟ ପିଇପାରିବେ ।

ମହାଶୂନ୍ୟକୁ ଯିବ କଫି ମଞ୍ଜି

କଫି ବିନସକୁ ଚୂରି ଗୁଣ୍ଡ କଫି ବା ଇନଷ୍ଟାନଟ କଫିରେ ପରିଣତ କରିବା ପୂର୍ବରୁ ସ୍ୱତନ୍ତ୍ର ଚୁଲା ବା ରୋସଟରରେ ନିର୍ଦ୍ଦିଷ୍ଟ ଉତ୍ତାପରେ ପୋଡ଼ାଯାଏ । ଠିକ୍ ଭାବେ ପୋଡ଼ା ନହେଲେ କଫିର ପ୍ରକୃତ ସ୍ୱାଦ ଆସେନାହିଁ । ଅଭିଜ୍ଞ ପେସାଦାରମାନେ ଏହା ତୁଲାଇଥାଆନ୍ତି । ଏବେ ମହାଶୂନ୍ୟରେ କଫି ବିନସ ବା କଫି ମଞ୍ଜି ପୋଡ଼ିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏଥିପାଇଁ ଦୁବାଇର ବ୍ୟବସାୟୀ ଅନଡର୍ସ କାଭାଲିନି ଓ ହାତିମ ଅଲଖାଫଜି 'ସ୍ପେସ୍ ରୋସଟର' ନାମକ ବ୍ୟବସାୟ ସଂସ୍ଥା ଗଠନ କରିଛନ୍ତି ପ୍ରଥମ ପର୍ଯ୍ୟାୟରେ ତିନି ଶହ କିଲୋଗ୍ରାମରେ କଫି ମଞ୍ଜି, ଘରୋଇ ରକେଟ୍ କମ୍ପାନି 'ରକେଟ୍ ଲାବ ଆଣ୍ଡ୍ ବ୍ରୁ ଅରିଜିନିସ' ମାଧ୍ୟମରେ ମହାଶୂନ୍ୟକୁ ପଠାଯିବ । ମହାଶୂନ୍ୟରେ ଶୂନ୍ୟ ମାଧ୍ୟାକର୍ଷଣ ସ୍ଥିତିରେ 'ସ୍ପେସ୍ ରୋସଟିଂ କାପସୁଲ' ଭିତରେ ସେଗୁଡ଼ିକୁ ପୋଡ଼ାଯିବ । ଏହି କାର୍ଯ୍ୟ ତୁଲାଇବା ପାଇଁ ମହାକାଶ ବିଜ୍ଞାନୀଙ୍କ ବୈଷୟିକ ସହାୟତା ନିଆଯିବ । ଏହି କଫିର ସ୍ୱାଦ ନିଆରା ହେବ ବୋଲି ଅନୁମାନ କରାଯାଉଛି । ମହାଶୂନ୍ୟରେ ପୋଡ଼ା ଯାଇଥିବା କଫି ମଞ୍ଜି ପ୍ରସ୍ତୁତ କପେ କଫିର ମୂଲ୍ୟ ଭାରତୀୟ ମୁଦ୍ରାରେ ପନ୍ଦର ହଜାରରୁ ତିରିଶ ହଜାର ଟଙ୍କା ମଧ୍ୟରେ ରହିବ । ଉଲ୍ଲେଖଯୋଗ୍ୟ ଯେ, ଏହି ଦୁଇ ବ୍ୟବସାୟୀ ଉଚ୍ଚ ଶିକ୍ଷିତ । ଦୁହେଁ ଫ୍ରାନସ ଅନ୍ତର୍ଗତ ଷ୍ଟ୍ରାସବର୍ଗରେ ଥିବା 'ଇନଟରନେସନାଲ ସ୍ପେସ୍ ୟୁନିଭର୍ସିଟି'ରୁ ମହାକାଶ ବିଜ୍ଞାନରେ ଡିଗ୍ରି ପ୍ରାପ୍ତ । 'ସ୍ପେସ ରୋସଟିଂ କାପସୁଲ ସେମାନଙ୍କ ଦ୍ୱାରା ନିର୍ମିତ ।

ଚାଲିରୁ ମଣିଷ ଚିହ୍ନଟ ଯନ୍ତ୍ର ବିକଶିତ

ମଣିଷର ଚାଲିରୁ ଅନେକ କଥା ଜାଣିହୁଏ ଜାଣିହୁଏ ବୋଲି ବିଶେଷଜ୍ଞମାନେ କହନ୍ତି । ଆଉ ଏବେ ଏକ ଚାଇନିଜ କମ୍ପାନିର ବୈଷୟିକ ବିଶେଷଜ୍ଞମାନେ ଚାଲିରୁ ମଣିଷକୁ ଚିହ୍ନିବା ପାଇଁ ଏକ ଯନ୍ତ୍ର ବିକଶିତ କରିଛନ୍ତି । ଜଣେ ନିଜର ପରିଚୟ ଲୁଚାଇବା ପାଇଁ ମୁହଁରେ ମୁଖା ପିନ୍ଧିଲେ ବି ଏହି ଯନ୍ତ୍ର ମାଧ୍ୟମରେ ମୁଖାଧାରୀଙ୍କ ଅସଲ ପରିଚୟ ଜଣାପଡ଼ିଯିବ । ସେ କ୍ୟାମେରାକୁ ପଛ କରି ଚାଲିଲେ ବି ଅନାୟାସରେ ଧରାପଡ଼ିଯିବେ । 'ୱାଟରିକସ ଆନାଲିସିସ୍' କମ୍ପାନି ଦ୍ୱାରା ବିକଶିତ ଏହି ବୈଷୟିକ ଜ୍ଞାନ-କୌଶଳକୁ 'ଗେଟ୍ ରେକଗନେସନ୍' ଭାବେ ନାମିତ କରାଯାଇଛି । ପରୀକ୍ଷାଗାରେ ଏହି ଚିହ୍ନଟ ପଦ୍ଧତିକୁ ଛୟାନବେ ପ୍ରତିଶତ ସଫଳତା ମିଳିଥିବା ପ୍ରକାଶ । ଏହାକୁ ଶତ ପ୍ରତିଶତ କରିବା ପାଇଁ ଅଧିକ ଗବେଷଣା ଚାଲିଛି । ଏହି ପଦ୍ଧତି ଶତ ପ୍ରତିଶତ ନିଖୁଣ ହୋଇପାରିଲେ ନିରାପତ୍ତା ଓ ଅନୁସନ୍ଧାନ କାର୍ଯ୍ୟରେ ବ୍ୟବହାର କରାଯିବ ।

ବିନା ଜିପିଏସରେ ଚାଲୁଥିବା ରୋବୋଟ୍

ଫ୍ରାନ୍ସର 'ନ୍ୟାଶନାଲ ସେଣ୍ଟର ଫର ସାଇଣ୍ଟିଫିକ୍ରିସର୍ଚ୍ଚ'ର ଗବେଷକ-ବିଜ୍ୟାନୀଙ୍କ ଦ୍ୱାରା ଗ୍ଲୋବାଲ ପଜିସନିଙ୍ଗ ସିଟ୍‌ମ ବିହୀନ ଚଳମାନ ରୋବୋଟ୍ ବିକଶିତ ହୋଇଛି । ଏହି ନିଜେ ନିଜର ରାସ୍ତାକୁ ଚିହ୍ନଟ କରି ଆଗକୁ ବଢ଼ିବା କିମ୍ବା ପଛକୁ ଫେରିବା ସକ୍ଷମ । ଏ ପରିକି ନୂଆ ରାସ୍ତା ଖୋଜି ଭୂଲ ସ୍ଥାନକୁ ସହଜରେ ଆସିପାରିବା 'ଆଣ୍ଟିବୋଟ' ଭାବେ ନାମିତ ଏହି ରୋବୋଟ ଓଜନ ଦୁଇ କିଲୋଗ୍ରାମ ତିନିଶହ ଗ୍ରାମ । ଏ ପରିରୋବୋଟ ବିକଶିତ ହେବା ବିଶ୍ୱରେ ପ୍ରଥମ । ବନ୍ୟା, ବାତ୍ୟା, ଭୂମିକମ୍ପ କିମ୍ବା ଅତି ଜଟି, ସ୍ଥାନରେ ଫସି ରହିଥିବା ଯାନବହାନ, ରୋବୋଟ ଆଦି ଗୁଡ଼ିକର ସନ୍ଧାନ ପାଇଁ ଏହି ଜିପିଏସ ବିହୀନ ଚଳମା ରୋବୋଟ ବ୍ୟବହୃତ ହେବ । ଠିକ୍ ସମୟରେ ସଠିକ୍ ସୂଚନା ଦେବାକୁ ଏହା ସକ୍ଷମ ଉଲ୍ଲେଖଯୋଗ୍ୟ, ଜିପିଏସ ଏକ ଅତ୍ୟାଧୁନିକ ଟେକ୍ନଲୋଜି ଏବଂ ଏହି ଟେକ୍ନଲୋଜି ଉପଯୋଗରେ ନୂଆ ନୂଆ ଯନ୍ତ୍ର ବିକଶିତ ହେଉଛି ।

ଉଚ୍ଚ-କୁଦରେ ପାରଙ୍ଗମ ବୃଷଭ !

ଫ୍ରାନସ ଅନ୍ତର୍ଗତ ଷ୍ଟ୍ରାସ୍ବର୍ଗର ସେବିନା ରୋଆସ୍ ପାଳିଛନ୍ତି ଆସଟନ ନାମକ ବୃଷଭଟିଏ । ଆସଟନର ବିଶେଷତ୍ୱ ହେଉଛି, ସେ ଘୋଡ଼ା ପରି ଲମ୍ଫ ଦେଇପାରେ । ସେବିନା ଏକଦା ଥିଲେ ପେସାଦାର ଅଶ୍ୱ ତାଲିମକାରିଣୀ । ପ୍ରାୟ କୋଡ଼ିଏ ବର୍ଷ ଏହି ବୃତ୍ତିରେ ରହିବା ପରେ ନିଜର ଏକ ପୋଷା ଘୋଡ଼ାର ଅକାଳ ମୃତ୍ୟୁ ତାଙ୍କୁ ବାଧିଥିଲା ଏବଂ ସେ ପେସା ତ୍ୟାଗ କରିଥିଲେ ତାହା ପରେ ନିଜ ଘର ନିକଟରେ ଥିବା ଏକ ଗୋ-ପାଳନ କେନ୍ଦ୍ରରେ କାମ କରିଥିଲେ । ଏହି ଅବସରରେ ଏକ ଗର୍ଭିଣୀ ଗାଈର ଅନ୍ତରଙ୍ଗ ହୋଇଥିଲେ । ସେବିନାଙ୍କ ଯତ୍ନରେ ଗାଈଟି ପ୍ରସବ କରିଥିବା ବୃଷଭ ଶାବକ ଅସଟନକୁ ରଖିବା ପାଇଁ ଗୋ-ପାଳନ କେନ୍ଦ୍ରର ମାଲିକ ଚାହିଁ ନ ଥିଲେ । ତିନି ମାସରେ ହୋଇଥିବା ବେଳେ ଆସଟନ କଂସେଇଖାନାରେ ହାଣ-ମୁହଁକୁ ଯିବା ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ସେବିନା ହସ୍ତକ୍ଷେପ କରି, ତାହାକୁ ବଞ୍ଚାଇଥିଲେ ଏବଂ ନିଜ ଘରକୁ ନେଇଆସି, ତାଲିମ ଦେବା ଆରମ୍ଭ କରିଥିଲେ । ତାଙ୍କ ତାଲିମର ସୁଫଳ ସ୍ୱରୂପ ଆସଟନ ଲମ୍ଫ ଦେବାଠାରୁ ଆରମ୍ଭ କରି ଏକାଧିକ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖାଇପାରୁଛି । ଉଚ୍ଚ କୁଦରେ ସେ ଏକ ମିଟର ଡେଇଁପାରୁଛି। ଆସଟନର ବୟସ ଏବେ ଚାରିବର୍ଷ ଏବଂ ଓଜନ ୧.୩ ଟନ୍ । ସାମି ନାମକ ପୋନିଟିଏ ମଧ୍ୟ ସେବିନା ପାଳିଛନ୍ତି । ଆସଟନ ଓ ସାମି ମଧ୍ୟରେ ପ୍ରଗାଢ଼ ବନ୍ଧୁତା । ଦୁହେଁ ଏକାଠି ତାଲିମ ପାଇବା ସହ ଖେଳ କସରତ ଦେଖାଇ, ସେବିନାଙ୍କ ରୋଜଗାରର ମାଧ୍ୟମ ହୋଇଛନ୍ତି ।

ମୋମୋ ଖାଉଛନ୍ତି କି ହୋଇପାରେ ମାରାତ୍ମକ

ସାଧାରଣତଃ ଫାଷ୍ଟଫୁଡ୍ ସମସ୍ତଙ୍କୁ ଭାରି ପସନ୍ଦ। ଫାଷ୍ଟଫୁଡ ଯିଏ ଥରେ ଖାଇଛି ସେ ତା' ମୋହରେ ପଡିଛି। ପ୍ରତିଦିନ ଫାଷ୍ଟଫୁଡ୍ ଖାଇବା ପାଇଁ ଫାଷ୍ଟଫୁଡ୍ ପ୍ରେମୀ ନିଶ୍ଚିତ ରୂପେ ସମୟ ବାହାର କରିନିଅନ୍ତି। ଫାଷ୍ଟଫୁଡ ମଧ୍ୟରେ ଅଧିକାଂଶ ଲୋକପ୍ରିୟ ହେଉଛି ମୋମୋ। ଏହାକୁ ଛୋଟ ପିଲାଠାରୁ ଆରମ୍ଭ କରି ବଡ ସମସ୍ତେ ଖାଇବା ପାଇଁ ଏକପ୍ରକାର ପାଗଳ। ବଜାରରେ ମୋମୋର ଚାହିଦା ଢ଼େର ଅଧିକା।ପ୍ରତିଟି ଫାଷ୍ଟଫୁଡ ବଜାରର ମୋମୋ ଷ୍ଟଲ୍‌ରେ ଅଧିକ ଭିଡ ଜମେ। ତେବେ ମୋମୋ ପାଟିକୁ ଯେତିକି ସୁଆଦିଆ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହାନୀକାରକ। ଏହାକୁ ଖାଇବା ମାରାତ୍ମାକ ହୋଇପାରେ। ସାଧାରଣତଃ କମ୍ ଦାମରେ ହାତ ପାଆନ୍ତରେ ମିଳିଯାଏ ମୋମୋ। ଏହାକୁ ଘରେ ତିଆରି କରିବା ମଧ୍ୟ ବେଶ୍ ସହଜ। ଫୁଷ୍ଟଫୁଡ୍ ବଜାରରେ ବିଭିନ୍ନ ଭେରାଇଟିର ମୋମୋ ମିଳୁଛି। ଭେଜ୍ ମୋମୋ, ପନିର ମୋମୋ, ଚିକେନ ମୋମୋ, ଫ୍ରାଏ ମୋମୋ, ତନ୍ଦୁରୀ ମୋମୋ ଇତ୍ୟାଦି। ପ୍ରକୃତରେ ମୋମୋ ଖାଇବା ପାଇଁ ଯେଉଁ ସସ୍ ବା ଚଟନି ତିଆରି ହୁଏ, ତାହା ବେଶ ମସଲାଯୁକ୍ତ, ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ନାଲି ଲଙ୍କା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଏ। କିନ୍ତୁ ଯେତେବେଳେ ଯାଏଁ ସେହି ନାଲି ଲଙ୍କା ଗୁଣ୍ଡରେ କିଛି ମିଶ୍ରିତ ନହୁଏ ସେତେପର୍ଯ୍ୟନ୍ତ ତାହା ଭଲ। ହେଲେ ବଜାରରେ ଅତି ନିମ୍ନମାନର ନାଲି ଲଙ୍କା ବ୍ୟବହାର କରି ଚଟନି ତିଆରି କରାଯାଏ। ଯାହା ଆପଣଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ । ଯାହା ଖାଇବା ପରେ ଲୋକଙ୍କର ପାଇଲସ୍ ବାହାରିବା ମଧ୍ୟ ଆଶଙ୍କା ରହିଥାଏ । ଏହି ଚଟନିକୁ ଖାଇବା ଦ୍ୱାରା ଏହାର ପ୍ରଭାବ ତୁରନ୍ତ ଦେଖାଯାଏ ନାହିଁ କିନ୍ତୁ ପରେ ଏହା ଅନେକ ଗମ୍ଭୀର ରୋଗର କାରଣ ହୋଇପାରେ। ସେହିପରି ମୋମୋର ସ୍ୱାଦ ବଢ଼ାଇବା ପାଇଁ ଏଥିରେ ମୋନୋ-ସୋଡିଅମ ଗ୍ଲୁଟାମେଟ୍ ମିଶା ଯାଏ। ଏହା ଦେଖିବାକୁ ଧଳା କ୍ରିଷ୍ଟଲ ପାଉଡର ଭଳି, ଯାହା ମୋଟାପଣକୁ ବଢ଼ାଇଥାଏ। ଏହାବ୍ୟତୀତ ଅତ୍ୟଧିକ ଝାଳ ବୋହିବା, ଛାତିରେ ଯନ୍ତ୍ରଣା, ବାନ୍ତି ଏବଂ ହାର୍ଟବିଟ୍ ବଢ଼ିଯିବା ଆଶଙ୍କା ଅଧିକ ଥାଏ।

ମସ୍ତିଷ୍କ ସକ୍ରିୟ ରଖେ ଦହିଭାତ

ଦହି ଭାତ ମସ୍ତିଷ୍କକୁ ସକ୍ରିୟ ରଖିବା ସହ ବ୍ୟକ୍ତିକୁ ଖୁସି ରହିବା ପାଇଁ ପ୍ରେରିତ କରିଥାଏ । ସଦ୍ୟ ଗବେଷଣାରୁ ଏହି ତଥ୍ୟ ସମ୍ପର୍କରେ ଆମେରିକୀୟ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି । ଗବେଷଣାରୁ ଜଣାପଡ଼ିଛି, ଦହିଭାତ ସେବନ ଦ୍ୱାରା ମସ୍ତିଷ୍କର ଗତିବିଧି ସକ୍ରିୟ ରହିବା ସହ ସୁଖର ଅନୁଭବ ହୁଏ । ଦହିରେ ଥିବା ଆମିନୋ ଏସିଡ୍ ଯାହାକୁ ଟ୍ରିପୋଟଫାନ ବୋଲି କୁହାଯାଏ ଏହା ମଣିଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଯୌଗିକ । ଏହା ଶରୀରକୁ କେବଳ ଫୂର୍ତ୍ତି ରଖେନାହିଁ ବରଂ ମସ୍ତିଷ୍କକୁ କ୍ରିୟାଶୀଳ କରିଥାଏ । ଯଦ୍ୱାରା ମଣିଷ ନିଜ ଭିତରେ ଖୁସିକୁ ଅନୁଭବ କରିପାରେ । ତତ୍ ସହିତ ବିଭିନ୍ନ କାମ ଉପରେ ଧ୍ୟାନ କେନ୍ଦ୍ରିତ କରିପାରେ । ଏହି ଗବେଷଣା ସମ୍ପର୍କରେ ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିସନରେ ପ୍ରକାଶ ପାଇଛି ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୪ ମାର୍ଚ୍ଚ ୨୦୨୨, ଶୁକ୍ରବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଏ କଣ ଶେଷ ଅବସ୍ଥା... ?

ୟୁକ୍ରେନ୍ ସହ ରୁଷ୍‌ର ଯୁଦ୍ଧ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଯାଇଛି । ରାଜଧାନୀ କିଏଭ୍ ଉପରେ ରୁଷ ସେନା ପ୍ରଚଣ୍ଡ ଆକ୍ରମଣ ଚଳାଇଥିବା ବେଳେ କିଏଭ୍ ପତନ ଶୀଘ୍ର ହୋଇଯିବା ନେଇ ପୁଟିନ୍ ଆଶାବାଦୀ ଥିବା ସମୟରେ ୟୁକ୍ରେନ୍ ପ୍ରେସିଡେଣ୍ଟ ନାଟୋ ଅଂଶୀଦାର ଓ ୟୁରୋପୀୟ ସଂଘ ସହଯୋଗୀଙ୍କୁ ଉଦ୍‌ବୋଧନ ଦେଇ ସାହାଯ୍ୟ ମାଗିଛନ୍ତି । ଏକ ପକ୍ଷରେ ମାର୍କିନ୍ ପ୍ରେସିଡେଣ୍ଟ ବାଇଡେନ୍ ରୁଷକୁ କଡ଼ା ଚେତାବନୀ ଶୁଣାଇ ଦେଇଛନ୍ତି, ପୁଟିନ୍ ଆସନ୍ନ ପରିଣତି ନେଇ ଅବଗତି ନୁହନ୍ତି । ସେ ବିଶ୍ୱ ସମୁଦାୟ ଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛନ୍ତି । ପ୍ରଚଣ୍ଡ ଲଢ଼େଇ ଭିତରେ ଉଭୟ ରାଷ୍ଟ୍ର ପୁରା ଦମ୍ ଲଗାଇ ଦେଇଥିଲେ ସୁଦ୍ଧା ରୁଷ୍ ଉପରେ ଗୁରୁତର ପରିଣତି ନେଇ ପୁଟିନ୍‌ଙ୍କର ସଠିକ୍ ଧାରଣା ନାହିଁ ବୋଲି କହିଛନ୍ତି ବାଇଡେନ୍ । ବାଇଡେନ୍‌ଙ୍କ ବକ୍ତବ୍ୟକୁ ୟୁକ୍ରେନ୍ ସମେତ ନାଟୋ ଦେଶଗୁଡ଼ିକ ଦୃଢ଼ ସମର୍ଥନ କରିଛନ୍ତି । ସେପଟେ ବାଇଲୋରୁଷିଆ ଓ ଅନ୍ୟ କେତେକ ଦେଶ ରୁଷକୁ ସମର୍ଥନ ଜଣାଇଛନ୍ତି । କିନ୍ତୁ ୟୁକ୍ରେନ୍‌ର ସାମରିକ ଶକ୍ତି ସହ ରୁଷ୍‌ର ସାମରିକ ଶକ୍ତିର ମୁକାବିଲାକୁ ଦେଖାଗଲେ ନିର୍ଣ୍ଣାୟକ ଲଢ଼େଇର ସ୍ଥିତି କିଭଳି ହେବ, ତାହା କହିହେଉନାହିଁ । ୟୁକ୍ରେନ୍ ସହ ରୁଷର ଲଢ଼େଇ ଲାଗି ରହିଥିବା ଭିତରେ ମିଳିତ । ଜାତିସଂଘ ମାନବିକ ଅଧିକାର କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ତୃତୀୟ ଥର ଭାରତ ସେଥିରୁ ବିରତ ରହିଛି । ଚୀନ୍ ସମେତ କେତେକ ଦେଶ ରୁଷକୁ ସମର୍ଥନ ଜଣାଇ ଭୋଟ୍ ଦେଇଥିବା ଦେଖାଯାଇଛି । ସେତିକି ନୁହେଁ, ରୁଷ ତାହାର ସମସ୍ତ ଶକ୍ତି ଖଟାଇ କିଏଭକୁ ଦଖଲ କରିବା ପାଇଁ ଚାହୁଁଛି । ହଜାର ହଜାର ସଂଖ୍ୟାରେ ଉଭୟ ପକ୍ଷର ନରନାରୀ ମୃତ୍ୟୁମୁଖରେ ପଡୁଛନ୍ତି । ଅଟକି ରହିଥିବା ଭାରତୀୟ ଛାତ୍ରମାନଙ୍କୁ ବିମାନ ମାର୍ଗରେ ଭାରତକୁ ଅଣାଯିବା ପାଇଁ ଚାରିଜଣିଆ ମନ୍ତ୍ରୀଗୋଷ୍ଠୀକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟରେ ନିୟୋଜିତ କରିଛନ୍ତି । ଦୁର୍ଭାଗ୍ୟବଶତଃ ଜନୈକ କନ୍ନଡ଼ଛାତ୍ର ନବୀନ ଷ୍ଟେସନକୁ ସହଯାତ୍ରୀମାନଙ୍କୁ ନେବା ସମୟରେ ଡ୍ରୋନ୍ ମାଡ଼ରେ ପ୍ରାଣ ହରାଇଛନ୍ତି । ଏହା ଦେଶବାସୀଙ୍କ ପକ୍ଷେ ଅତ୍ୟନ୍ତ ପୀଡ଼ାଦାୟକ ଖବର । ୟୁକ୍ରେନ୍‌ର ଭାରତୀୟ ଦୂତାବାସକୁ ଇତିମଧ୍ୟରେ ବନ୍ଦ୍ କରିଦିଆଯାଇଛି । ନାଟୋ ଓ ଅନ୍ୟ ଦେଶଗୁଡ଼ିକ ପକ୍ଷରୁ ରୁଷର ନିର୍ଣ୍ଣାୟକ ଲଢ଼େଇକୁ ଅମାନବିକ ଓ ମର୍ମାନ୍ତିକ ସାମରିକ କାର୍ଯ୍ୟ ବୋଲି ଅଭିହିତ କରାଯାଇଛି । ଦୁର୍ଦ୍ଧର୍ଷ ହିଟ୍‌ଲର ଭଳି ଅମାନବିକ ଗଣହତ୍ୟା ପୁଟିନ୍ କରିଚାଲିଛନ୍ତି ବୋଲି ଅନେକ ଦେଶ ବର୍ଣ୍ଣନା କରିଚାଲିଛନ୍ତି । ଅନ୍ୟପକ୍ଷରେ କୌଣସି ପରିସ୍ଥିତିରେ ୟୁକ୍ରେନ୍‌କୁ ନାଟୋ ସାମରିକ ମେଣ୍ଟଭୁକ୍ତ ହେବାକୁ ଦିଆଯିବ ନାହିଁ ବୋଲି ପୁଟିନ୍ ଜିଦ୍ ଧରିଛନ୍ତି । ନାଟୋ ସପକ୍ଷବାଦୀ ପ୍ରେସିନେଣ୍ଟଙ୍କ ସ୍ଥାନରେ ବିକଳ୍ପ ରାଷ୍ଟ୍ରପତିଙ୍କୁ ଗାଦିରେ ବସାଇବା ଚାହୁଁଛନ୍ତି । ଆମେରିକା ୟୁକ୍ରେନ୍ ସପକ୍ଷରେ ହସ୍ତକ୍ଷେପ କରିବା ଦିଗରେ ଯଥେଷ୍ଟ ବିଳମ୍ବ କରିଦେଲା, ତାହା ବିଶ୍ୱବାସୀ କହୁଛନ୍ତି । ପୁଟିନ୍‌ଙ୍କ ବଳ ବାଇଡେନ୍‌ଙ୍କୁ ଜଣା । କିନ୍ତୁ ବାଇଡେନ୍ ଓ ତାଙ୍କ ନାଟୋ ସହଯୋଗୀ ରାଷ୍ଟ୍ରମାନେ ରୁଷ୍‌ର ବଳ କଷିବାରେ ଭୁଲ୍ କରିବସିଲେ କିମ୍ବା କଳିବାର ସାମର୍ଥ୍ୟ ହରାଇ ବସିଥିଲେ, କହିବା କଷ୍ଟକର । ନିର୍ଣ୍ଣାୟକ ଲଢ଼େଇର ରୂପରେଖ କଣ ହେବ, ତାହା ଏବେଠାରୁ କହିହେବ ନାହିଁ । ମାତ୍ର ୟୁକ୍ରେନ୍ ରାଷ୍ଟ୍ରପତି ନିଜ ସ୍ଥିତିରୁ ଓହରିବା ସ୍ଥିତିରେ ନାହାନ୍ତି । ସେହିଭଳି ପୁଟିନ ନିଜ ସ୍ଥିତିରେ ଅଟଳ ରହିଥିବାରୁ ବିଶ୍ୱଯୁଦ୍ଧ ଭଳି ଭୟାନକ ସ୍ଥିତି ଦେଖାନଦେବ, କିଏ କହିବ ? ଏକ ପଟେ ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଭଳି ଶକ୍ତିଶାଳୀ ଦେଶ ଅନ୍ୟପକ୍ଷରେ ରୁଷକୁ ସମର୍ଥନ ଦେବାକୁ ବାହାରି ପଡ଼ିଛି ଚୀନ୍ । ଶକ୍ତିଶାଳୀ ଚୀନ୍ ଓ ଉତ୍ତର କୋରିଆ ଚାହୁଁଛନ୍ତି ଯୁକ୍ତରାଷ୍ଟ୍ର ଓ ତା'ର ସହଯୋଗୀଙ୍କୁ ଶିକ୍ଷା ଦେବାକୁ । ଦୁଇଦୁଇଟି ବିଶ୍ୱଯୁଦ୍ଧ ଦେଖିଥିବା ମାନବସମାଜ ହତଚକିତ ହୋଇ ରହିଛନ୍ତି । ଭାରତ ଭଳି କେତେକ ଦେଶ ଅସ୍ୱାଭାବିକ୍ ସ୍ଥିତିର ଯବସାନ ଘଟୁ । ଆମେରିକା ଏକ ସମୟରେ ଇରାକ୍ ବିରୋଧରେ ଲଢୁଛନ୍ତି ବେଳେ କେଉଁ ବିଶ୍ୱଶକ୍ତିର ଅନୁମତି ନେଇଥିଲା ବୋଲି ପ୍ରଶ୍ନ ଉଠୁଛି । ସେହି ଭଳି ଆଫଗାନ୍ ସଙ୍କଟ ଘନୀଭୂତ ହେବା ସମୟରେ କିଭଳି ଆମେରିକା ପଛଘୁଞ୍ଚା ଦେଇଥିଲା, ତାହା ବିଶ୍ୱବାସୀ ଦେଖିଛନ୍ତି । ଦେଖିଛନ୍ତି ତାଲିବାନୀ ଉତ୍ପାତ ଓ ଆଫଗାନ୍ ସ୍ଥିତିରେ ସୃଷ୍ଟି ଅକାରଣ ଜଟିଳତା । ଦୁଇ ହାତ ମିଶିଲେ ତାଳି ବାଜିଥାଏ । ଜଣକର ଦୋଷରେ ସବୁ କିଛି ବାଛିବା କେତେ ଦୂର ଠିକ୍ ତାହା କହିହେବ ନାହିଁ । ସମସ୍ତଙ୍କୁ ଜଟିଳତା ଭିତରକୁ ଠେଲି ଦେଇ ପୁଟିନ୍ ଯେମିତି ଗୁରୁତର ଅପରାଧ କରି ବସିଛନ୍ତି, ତାହା ଇତିହାସ କିଭଳି କ୍ଷମା କରିବ, କହିହେବ ନାହିଁ । ସେହିଭଳି ୟୁକ୍ରେନ୍ ନେତା ନାଟୋ ମେଣ୍ଟ ଆଡ଼କୁ ଢଳି ନିଜ ଦେଶକୁ ବିଷମ ସ୍ଥିତି ଭିତରକୁ ଠେଲି ଦେଇଛନ୍ତି ବୋଲି କୁହାଯାଇପାରିବ ।

ୟୁକ୍ରେନ ଯୁଦ୍ଧରୁ ଶିକ୍ଷା

ସୌମେନ୍ଦ୍ର ଜେନା

ପୂର୍ବାନୁମାନ ମୁତାବକ ୟୁକ୍ରେନ ଉପରେ ରୁଷିଆର ସେନା ଆକ୍ରମଣ ଆରମ୍ଭ କରିଦେଇଛି । ୨୦୧୩ରୁ ଯୋଜନାବଦ୍ଧ ଭାବେ ଡୋନେସ୍କ ଏବଂ ଲୁଗାନସ୍କରେ ରୁଷିଆ ଯେଉଁ ଅସ୍ଥିରତା ଜାରି ରଖିଥିଲା ତାର ପ୍ରମାଣ ସ୍ୱରୂପ ଏହି ଦୁଇଟି ଅଞ୍ଚଳକୁ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ନିଜ ଆଡୁ ଦେଇଛି । କେବଳ ସେତିକି ନୁହେଁ ସେଠାରେ ପୁତୁଳିକା ସରକାର ଘୋଷଣା କରାଯାଇ ବନ୍ଧୁତ୍ୱପୂର୍ଣ୍ଣ ରାଜିନାମାର ନାଟକ ମଧ୍ୟ ପୁତିନ ଲେଖିବାକୁ ଯାଉଛନ୍ତି । ୟୁକ୍ରେନ ଏକ ସ୍ୱାଧୀନ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏହାକୁ ରୁଷ୍ ନିଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ମୂର୍ଖତା ଏବଂ ଅହଂକାର ଛଡା ଅନ୍ୟକିଛି ନୁହେଁ । ଅପରପକ୍ଷେ ନାଟୋ ବାହିନୀ ଦୀର୍ଘଦିନ ହେବ ବିବୃତ୍ତି ଦେଇ ଆସିଥିଲେ ମଧ୍ୟ ଏବେ ସମ୍ମୁଖ ଯୁଦ୍ଧରେ ପଛେଇବାକୁ ଆରମ୍ଭ କରିଛନ୍ତି । ଏଥିପାଇଁ ସେମାନେ କେବଳ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ଯେମିତି ପୂର୍ବରୁ କହିଥିଲେ ତାହା କରିପାରନ୍ତି । କିନ୍ତୁ ରୁଷିଆର ଅସ୍ତ୍ରବଳ ଏବଂ ସେନାବଳ ନିକଟରେ ନାଟୋ ବାହିନୀର ମଡେଲ ପ୍ରାୟ ବାହିନୀ କିଛି ନୁହେଁ ବୋଲି କହିବାକୁ ହେବ । ଜୋ ବାଇଡେନ କ୍ଷମତାକୁ ଆସିବାର ଅଳ୍ପଦିନ ମଧ୍ୟରେ ଆଫଗାନିସ୍ଥାନ ଆଉ ଏବେ ୟୁକ୍ରେନ ମାମଲାରେ ମାଙ୍କଡଚିତ୍ ମାରିବାପରି ଦେଖାଯାଉଛନ୍ତି । ବିଶ୍ୱରେ ସଙ୍କଟଜନକ ପରିସ୍ଥିତିରେ ଶାନ୍ତିପୂର୍ଣ୍ଣ ସମାଧାନର ରାସ୍ତା ନଖୋଜି ବାଇଡେନ ଯେପରି ପାଉଁଶ ତଳେ ବାଣିଜ୍ୟର ସ୍ୱପ୍ନ ଦେଖିବାକୁ ଲାଗିଲେ ତାହା ତାଙ୍କ ପାଇଁ ଏବଂ ତାଙ୍କ ପ୍ରଶାସନ ପାଇଁ ଆତ୍ମଘାତୀ ହେବାକୁ ଯାଉଛି । ନିଜ ଦେଶ ଭିତରେ ବାଇଡେନଙ୍କ ଜନସମର୍ଥନ ଦିନକୁଦିନ ହ୍ରାସ ପାଇ ଏବେ ୩୬ ପ୍ରତିଶତକୁ ଆସି ପହଞ୍ଚିଲାଣି । ଗତ ବର୍ଷକ ଭିତରେ (ଜାନୁଆରୀ ୨୦କୁ ଧରିଲେ) ଶାସନକୁ ଆସି ବାଇଡେନ ନିଜ ଦେଶର ସମସ୍ୟା ତୁଟାଇବା ବଦଳରେ ବେଇଜିଙ୍ଗକୁ ଡାକି ଆଣିଛନ୍ତି । ୟୁକ୍ରେନ ମାମଲାରେ ପୁତିନଙ୍କ ଗୋଟି ଚାଲନାକୁ ପୂର୍ବତନ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ପ୍ରଶଂସାକରି ବାଇଡେନଙ୍କ ଲାଞ୍ଜରେ ନିଆଁ ଲଗାଇ ଦେଇଛନ୍ତି । ବର୍ତ୍ତମାନର ସରକାର ଯେ ଅତି ଦୁର୍ବଳ, ଦୂରଦୃଷ୍ଟିବିହୀନ ତାହା ଆମେରିକାବାସୀ ଜାଣିସାରିଲେଣି । ତେଣୁ ଆମେରିକାରେ ଥିବା ଆଫଗାନ ସରକାରଙ୍କ ଜମା ଅର୍ଥରୁ ଅର୍ଦ୍ଧେକକୁ ୯/୧୧ ବିସ୍ଫୋରଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ଦିଆଯିବ ବୋଲି ଘୋଷଣା କରି ବାଇଡେନ ଦେଶବାସୀଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଛନ୍ତି । ହେଲେ ଏହାଦ୍ୱାରା ଯେପରି ଆଫଗାନବାସୀଙ୍କ ଭରସା ତୁଟିବ ସେମିତି ପୃଥିବୀର ଅନେକ ରାଷ୍ଟ୍ର ଆମେରିକାକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖିବେ । ଏପରିକି ନାଟୋ ମେଣ୍ଟରେ ଥିବା ଅନେକ ରାଷ୍ଟ୍ରର ନେତୃବୃନ୍ଦ ଏବେ ବାଇଡେନଙ୍କ କଥାକୁ କେତେ ଗ୍ରହଣ କରିବେ ତାହା ଆଗକୁ ଦେଖିବାର କଥା । ଶକ୍ତିଶାଳୀ ଦୁଇରାଷ୍ଟ୍ରଙ୍କ କ୍ଷମତାର ପଶାପାଲିରେ ୟୁକ୍ରେନ ଗୋଟି ହୋଇ ଯେମିତି କ୍ଷତି ସହୁଛି, ସେମିତି ଆଗାମୀ ଦିନରେ ରୁଷିଆର ସହଯୋଗୀ ଏବଂ ପଡୋଶୀ ରାଷ୍ଟ୍ରଗୁଡିକ ଯେ କୌଣସି ପରିସ୍ଥିତିରେ ସେମିତି ଅବସ୍ଥାକୁ ଚାଲି ନ ଯିବେ ତାହା କହିହେବନାହିଁ । ୟୁକ୍ରେନକୁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ଆଣବିକ ଅସ୍ତ୍ର ନିର୍ମାଣରୁ ଦୂରେଇ ରଖି ଏବେ ୟୁକ୍ରେନ ୧୯୯୧ରେ ରୁଷିଆଠାରୁ ଅଲଗା ହେବା ପରେ ୧୯୦୦ ଆଣବିକ ଅସ୍ତ୍ର ନିଜ ପାଖରେ ରଖିଥିଲା ଯେଉଁଥିରେ ୪୦୦-୫୦୦ କିଲୋଟନ ପରମାଣୁ ବୋମାଥିଲା, ଯାହା ଚୀନଠାରୁ ୬ଗୁଣା ଅଧିକା ହେବ । ଆମେରିକା ଏସବୁକୁ ଭୟ କରୁଥିବା ହେତୁ ୧୯୯୪ରେ ବୁଦାପେଷ୍ଟ ବୁଝାମଣାରେ ୟୁକ୍ରେନକୁ ରାଜିକରାଇ ଅସ୍ତ୍ରଶସ୍ତ୍ର ଧ୍ୱଂସ କରାଇଥିଲା । ଏବେ ଆମେରିକା, ବ୍ରିଟେନ ଓ ରୁଷିଆ ଯେପରି ଧୋକା ଦେଲେ ସେଥିରୁ ଅନେକ କିଛି ଶିକ୍ଷା କରିବାର ରହିଛି । କଥାରେ କହନ୍ତି ମଦଘଡା, କାମ ସରିଲେ ଗଡଗଡା । ସେମିତି ବଡ ଦେଶଗୁଡିକ କିପରି ନିଜର ସ୍ୱାର୍ଥପାଇଁ ଗୋଟିଏ ଗୋଟିଏ ଦେଶକୁ ନଷ୍ଟ କରିଦିଅନ୍ତି । ତାହା ୟୁକ୍ରେନ ଘଟଣାରୁ ବେଶ ସ୍ପଷ୍ଟ ।

ଆମେରିକା, ବ୍ରିଟେନ ସନ୍ନିଧାନ ସଂଶୋଧନ କରି ଆଗାମୀ ୧୫ବର୍ଷ ପାଇଁ କ୍ଷମତାରେ ରହିବାକୁ ବ୍ୟବସ୍ଥା କରିସାରିଲା ପରେ ରୁଷିଆର ରାଷ୍ଟ୍ରପତି ପୁତିନ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ବାହାରିଛନ୍ତି । ଗୋଟିଏ ପଟେ ୟୁରୋପକୁ ଗ୍ୟାସ ଯୋଗାଣର ଅନିଶ୍ଚିତତା ଆଗାମୀ ଦିନରେ ରୁଷିଆର ଅର୍ଥନୀତିକୁ ଆହୁରି ଅଧିକ ସଂକୁଚିତ କରିବ । ସେ ପରିସ୍ଥିତିରେ ଚୀନଠାରୁ ଆବଶ୍ୟକ ଅର୍ଥ ନେଇ ନିଜ ଦେଶର ସ୍ଥିତିକୁ ସଜାଡିବା ପାଇଁ ପୁତିନ ପ୍ରୟାସ କରିପାରନ୍ତି । କାରଣ ତାଙ୍କପରି ଜିନ୍‌ପିଙ୍ଗ୍ ମଧ୍ୟ ଚୀନର ସନ୍ନିଧାନରେ ସଂଶୋଧନ ଆଣି ଆଗକୁ ଦୀର୍ଘ ବର୍ଷଯାଏ କ୍ଷମତାରେ ରହିପାରିଲା ଭଳି ବ୍ୟବସ୍ଥା କରିସାରିଛନ୍ତି । ଯେହେତୁ ଆଗାମୀ ଦିନରେ ଉଭୟ ଚୀନ ଓ ରୁଷିଆରେ କୌଣସି ପ୍ରକାର କ୍ଷମତା ପରିବର୍ତ୍ତନର ସମ୍ଭାବନା ନାହିଁ ତେଣୁ ଦୁଇରାଷ୍ଟ୍ର ମଧ୍ୟରେ ସଂପର୍କ ବୃଦ୍ଧି ପାଇବ ନିଶ୍ଚୟ । ସେହି ପରିବର୍ତ୍ତିତ ସ୍ଥିତିରେ ପାକିସ୍ଥାନ ଓ ଇରାନ ରୁଷିଆର ନିକଟବର୍ତ୍ତୀ ହୋଇ ଆଫଗାନିସ୍ଥାନକୁ କେନ୍ଦ୍ରକରି ନିଜର କାର୍ଡ ଖେଳିପାରନ୍ତି । ନିୟନ୍ତ୍ରଣକୁ ନ ଆସିଲେ ପାକ୍-ଚୀନ, ରୁଷିଆ-ଇରାନ ତାଲିବାନ ସରକାରକୁ କ୍ଷମତାରୁ ହଟାଇ ସେଠାରେ ନିଜ ସମର୍ଥକ ସରକାର ଆଣିପାରନ୍ତି । ଭାରତ ପାଇଁ ଅସୁବିଧା ହେଉଛି ଏହି ମେଣ୍ଟ ଉଭୟ କାଶ୍ମିର ଏବଂ ଅରୁଣାଚଳକୁ ସ୍ୱାଧୀନ ବୋଲି ଘୋଷଣା କରି ନିଜ ଦେଶରେ ମିଶାଇବାକୁ ଚେଷ୍ଟା କରିବାର ସମ୍ଭାବନା । କାରଣ ଇମରାନଙ୍କ ଠିକ୍ ଗସ୍ତ ପୂର୍ବରୁ ରୁଷିଆର ଗଣମାଧ୍ୟମ ଗୁଡିକରେ କାଶ୍ମୀରକୁ ବିବାଦୀୟ ଏବଂ ଭାରତର କବ୍‌ଜାରେ ରହିଥିବା ନେଇ ପାକ୍‌ର ନୀତିକୁ ସମର୍ଥନ କଲାପରି ଲେଖା ପ୍ରକାଶ ପାଇଥିଲା । ଅଳ୍ପ କେଇଦିନ ପୂର୍ବରୁ ଭାରତର ସର୍‌ମେରିନ୍ ପ୍ରକଳ୍ପ ନିର୍ମାଣରୁ ରୁଷିଆ ନିଜକୁ ବାହାର କରିନେବା ବିଷୟ ଘୋଷଣା କରିଥିଲା । ଏବେ ମହାକାଶରେ ଥିବା ୫୦୦ଟନ୍ ବିଶିଷ୍ଟ ସ୍ପେସ୍ ଷ୍ଟେସନକୁ ଚୀନ କିମ୍ବା ଭାରତ ଉପରେ ପକାଇ ଦେଇ କ୍ଷୟକ୍ଷତି କରିବା ଧମକ ଦେଇଛନ୍ତି ରୁଷିଆର ଅଧିକାରୀ । କାଳରେ ପାକ୍ ପ୍ରଧାନମନ୍ତ୍ରୀ ଇମରାନଙ୍କୁ ମସ୍କୋରେ ସାକ୍ଷାତ କରିବା ପୁତିନଙ୍କ ଆକସ୍ମିକ ଯୋଜନା ନୁହେଁ ବୋଲି ଭାରତକୁ ମାନିବାକୁ ପଡିବ । କାରଣ ରୁଷିଆଠାରୁ ପାକିସ୍ଥାନ ଗ୍ୟାସ କିଣିବାକୁ ପ୍ରସ୍ତାବ ଦେଉଥିବା ବେଳେ ଇଉରୋପ ସହ ସଂପର୍କ ଖରାପ ହେବା ସ୍ଥିତିରେ ପାକିସ୍ଥାନକୁ ପୁତିନ ଗ୍ୟାସ ଯୋଗାଣ ପାଇଁ ସୁବିଧା ଦେଇପାରନ୍ତି । ଆରବରୁ ପେଟ୍ରୋଲ ଆମଦାନୀ କରିପାରୁନଥିବା ହେତୁ ଦେଶରେ ଥିବା ଗ୍ୟାସକୁ ବିଦ୍ୟୁତ ଉତ୍ପାଦନରେ ପାକିସ୍ଥାନ ବିନିଯୋଗ କରୁଛି । ରୁଷିଆ ଭାରତ ମହାସାଗରକୁ ଯୋଗାଯୋଗ ସଡକ ଦରକାର କରୁଥିଲା ବେଳେ କରାଚୀ ବନ୍ଦରକୁ ବ୍ୟବହାର କରିବାଲାଗି ପାକ୍ ସରକାର ରୁଷିଆ ନିକଟରେ ପ୍ରସ୍ତାବ ରଖିପାରନ୍ତି । କାରଣ କରାଚୀ ବନ୍ଦରରୁ ପଞ୍ଜାବ ପ୍ରଦେଶ ଯାଏଁ ଗ୍ୟାସ ପାଇପ ଲାଇନ ବିଛାଇବାରେ ରୁଷିଆ ସାହାଯ୍ୟ କରୁ ବୋଲି ପାକିସ୍ଥାନ ଚାହେଁ । ଗ୍ୱାଦରକୁ ଚୀନକୁ ଦେବା ପରେ ଯଦି ରୁଷିଆ କୌଣସି ମତେ ସିପେକ୍ ପରି ଲମ୍ବା ସଡକ ଦ୍ୱାରା କରାଚୀ ବନ୍ଦର ସହ ଯୋଡି ହୋଇପାରେ ତାହା ଭାରତ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିବ ଏବଂ ଭାରତ ପାକ୍‌ର ନିୟନ୍ତ୍ରଣକୁ ଆସିଯିବ ବୋଲି ଇସଲାମାବାଦ ନେତୃବୃନ୍ଦ ମନେ ମନେ ଭାବୁଛନ୍ତି । ଏହି ଭାବନା ପଛରେ ବେଜିଂ ଲୋକଙ୍କ ପରାମର୍ଶ ନଥିବ ବୋଲି କୁହାଯାଇ ନପାରେ । କାରଣ ବିଆର୍‌ଆଇ ଯୋଜନା ଏବଂ ସମୁଦ୍ରପଥ ଯୋଜନା ଦ୍ୱାରା ଭାରତକୁ ଚୀନ ଘେରିବାକୁ ଦ୍ରୁତ ପ୍ରୟାସ କରୁଛି । ଶ୍ରୀଲଙ୍କା, ମ୍ୟାନମାର, ବଙ୍ଗଳାଦେଶ, ନେପାଳ, ମାଳଦ୍ୱୀପ ପରି ଭାରତର ସବୁ ସହଯୋଗୀ ରାଷ୍ଟ୍ରରେ ପ୍ରବଳ ଭାରତ ବିରୋଧୀ ପ୍ରଚାର ଚଳାଇବା ଲାଗି ପୁଞ୍ଜି ଖଟାଉଛି । ଗଣମାଧ୍ୟମଠାରୁ ଆରମ୍ଭକରି ବୁଦ୍ଧିଜୀବୀ ଏବଂ ରାଜନେତାମାନଙ୍କୁ ନିଜ ସପକ୍ଷରେ ନେବାପାଇଁ ଅହରହ ଉଦ୍ୟମ କରୁଛି ।

ଭାରତ କ୍ୱାଡରେ ଯୋଗଦାନ ନକରିବା ପାଇଁ ଉଭୟ ଚୀନ ଓ ରୁଷିଆ ପକ୍ଷରୁ ଭାରତ ଉପରେ ଚାପ ପ୍ରୟୋଗ କରାଯାଇଥିଲା । ୟୁକ୍ରେନରେ ନାଟୋ ବାହିନୀର ରାଷ୍ଟ୍ରଗୁଡିକ ମଧ୍ୟରେ ସହଯୋଗର ଦୁର୍ବଳତା ଲକ୍ଷ୍ୟ କଲାପରେ ଚୀନ ଏବେ ରୁଷିଆ ମାର୍ଗରେ ଯାଇ ତାଇୱାନକୁ ନିଜ ଦେଶରେ ଜୋର କରି ମିଶାଇବାକୁ ଚେଷ୍ଟା କରିବ । ପୂର୍ବରୁ ରୁଷିଆର ରାଷ୍ଟ୍ରପତି ବେଜିଂ ଅଲିମ୍ପିକ ବେଳେ ତାଇୱାନକୁ ଚୀନର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଘୋଷଣା କରିଥିଲେ । ସେମିତି ଭାରତକୁ ଧମକ ଦେବାପାଇଁ ରୁଷିଆ କାଶ୍ମୀର ପାକ୍‌ର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଆଗାମୀ ଦିନରେ ଯଦି ଘୋଷଣା କରେ ସେଥିରେ ଅଧିକ ବିସ୍ମିତ ହେବାର କିଛି ନାହିଁ । ଚୀନ ଓ ରୁଷିଆରେ ଏକ ଦଳର ସରକାର, ଏକ ରାଷ୍ଟ୍ରପତିଙ୍କ ସରକାର ଚାଲୁଥିଲା ବେଳେ ପାକ୍‌ରେ ଆଇଏସ୍‌ଆଇ ଅନୁମୋଦିତ ସରକାର ଆଜିଯାଏ ଚାଲିଆସିଛି । ଗଣତନ୍ତ୍ର ବିରୋଧୀ ଏ ପ୍ରକାର ଶକ୍ତିସବୁ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଦୁର୍ବଳ କରିବାକୁ ଚେଷ୍ଟା କରିବେ । ୟୁକ୍ରେନ- ରୁଷିଆ ସଂଘର୍ଷ ଭାରତ ପାଇଁ ତଣ୍ଟିରେ କଣ୍ଟା ଅଟକିଲାପରି କଥା । କାରଣ ଦୁଇଦେଶଙ୍କ ସହ ସଂପର୍କ ଭଲ ଥିଲାବେଳେ ଭାରତ ଖୋଲାଖୋଲି କୌଣସି ଗୋଟିଏ ପକ୍ଷରେ ରହିପାରିବ ନାହିଁ । ଅନ୍ୟପଟେ ଦୀର୍ଘଦିନ ଧରି ପ୍ରତିରକ୍ଷା ସାମଗ୍ରୀର ନିର୍ଭରଶୀଳତା ରୁଷିଆ ଉପରେ ରହିଥିବାରୁ ରୁଷିଆର କାର୍ଯ୍ୟ ବିରୋଧରେ ମଧ୍ୟ ଭାରତ ଯାଇପାରିବ ନାହିଁ । ୟୁକ୍ରେନ ଯୁଦ୍ଧ କାଳରେ ଯେମିତି ଆଫଗାନିସ୍ଥାନର ଆମେରିକା ଅସ୍ତ୍ରଶସ୍ତ୍ର କାଶ୍ମୀରରେ ଧରାପଡୁଛି, ସେମିତି ଆଗାମୀ ଦିନରେ ରୁଷିଆର ଅସ୍ତ୍ର ଦେଖିଲେ କେହି ବିସ୍ମିତ ହେବା ଅନୁଚିତ । ପୃଥିବୀର ସବୁଦେଶ ନିଜନିଜର ଭୂ-ରାଜନୈତିକ ସ୍ୱାର୍ଥପାଇଁ ବନ୍ଧୁତାର ପରିଭାଷା ଆନ୍ତର୍ଜାତିକ ସ୍ତରରେ ବଦଳାଇବାରେ ଲାଗିଛନ୍ତି । ସେପରି ଜଟିଳତା ଆସିଲେ ସମ୍ମୁଖୀନ ହେବାପାଇଁ ଭାରତକୁ ଏବେଠାରୁ ପ୍ରସ୍ତୁତ ହେବାକୁ ପଡିବ । କାରଣ ୧୯୬୨ ଯୁଦ୍ଧରେ ରୁଷିଆ ଭାରତକୁ ଧୋକାଦେବା କଥା କେହି ଭୁଲିନାହାନ୍ତି । ସେମିତି ରୁଷିଆ ଏବେ ୟୁକ୍ରେନକୁ ଧୋକା ଦେଲେ କିଛି ବିସ୍ମିତ ହେବାପରି କାର୍ଯ୍ୟ କଲାନାହିଁ ବୋଲି ଧରିବାକୁ ହେବ । ଏହା ରୁଷିଆର ଇତିହାସର ପୁନରାବୃତ୍ତି । କିନ୍ତୁ ୟୁକ୍ରେନ ନିଜର ସବୁକିଛି ଥାଇ ମିଛରେ ଆମେରିକା ଏବଂ ରୁଷିଆକୁ ଆଜିଯାଏ ଭରସା କରି ଠକି ହେଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ଫଗୁଣ ପରଶେ ସଂସ୍କୃତି ହସେ

ଶିବ ପ୍ରସାଦ ବାହିନୀପତି

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଦୋଳବେଦୀରେ ପହଞ୍ଚି ଆରମ୍ଭ ହୁଏ ଫଗ

ବିନୋଦନ

ବିନୋଦନ

ସିନେମା ଓ ମନୋରଞ୍ଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

ପ୍ରେମ କାହାଣୀକୁ ନେଇ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କିସ୍‌ମିସ୍'ର ଶୁଭ ମହୁରତ

'ରୁଦ୍ରାଣୀ' ପରେ ଝିଲିକ୍ ମୋସନ୍ ପିକଚର୍ସର ଦ୍ୱିତୀୟ ଅବଦାନ ହେଉଛି 'କିସ୍‌ମିସ୍'। ଏହା ଏକ ପ୍ରେମ କାହାଣୀ। ନିକଟରେ ଭୁବନେଶ୍ୱରର ଏକ ତାରକା ହୋଟେଲ ପରିସରରେ 'କିସ୍‌ମିସ୍' ଚଳଚ୍ଚିତ୍ରର ଶୁଭ ମହୁରତ ହେଇଯାଇଛି। ଏହି ମହୁରତ ଉତ୍ସବରେ ପ୍ରଥମେ ଦିବଂଗତ ଅଭିନେତା ମିହିର ଦାସଙ୍କ ପାଇଁ ଉପସ୍ଥିତ କଳାକାର ଓ ଟେକନିସିଆନମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ସମାଜସେବୀ ପ୍ରତିମା ଘଡ଼େଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ପ୍ରଯୋଜିକା ଝିଲିକ ଭଟ୍ଟାଚାର୍ଯ୍ୟ, ନିର୍ଦ୍ଦେଶକ ସୁଶାନ୍ତ ମଣି, ସଂଳାପକାର ସଞ୍ଜୀବ ରଥ, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର, ଚିତ୍ରୋତ୍ତୋଳକ କୁକାରୀ କୁହୁ ପ୍ରମୁଖ ଉପସ୍ଥିତ ରହି ନୂଆ ଚଳଚ୍ଚିତ୍ର 'କିସ୍‌ମିସ୍' ପାଇଁ କ୍ଲାପ୍ ଦେଇ ଏହାର ଶୁଭାରମ୍ଭ କରିଥିଲେ। 'କିସମିସ'ରେ ସ୍ୱରାଜ ଓ ଶିବାନୀ ମୁଖ୍ୟ ଭୂମିକାରେ ଥିବାବେଳେ ପ୍ରୀତିରାଜ, ନିତୁ ସିଂ, ଟୁଟୁ ନାୟକ, ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ ଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏଇ ଚଳଚ୍ଚିତ୍ରର ସମ୍ପାଦନା ଦାୟିତ୍ୱରେ ଅଛନ୍ତି ସୁକୁମାର ମଣି, ନୃତ୍ୟ ନିର୍ଦ୍ଦେଶନା ଦେବେ ଲୁବୁନ୍-ଟୁବୁନ୍ ଏବଂ କାର୍ଯ୍ୟକାରୀ ପ୍ରଯୋଜକର ଭୂମିକା ନିର୍ବାହ କରିବେ ଅରୁଣ ସ୍ୱାଇଁ ଓ ଋତୁରାଜ ଖଟୁଆ। ଆଗାମୀ ମାର୍ଚ୍ଚ ମାସରୁ ଏହାର ସୁଟିଂ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ଗୀତ 'ଭଗବାନ ବନେଇଛି ତୋତେ'

'ଆଖି ପଲକ ଖୋଲିଲେ ତତେ ଖାଲି ଦେଖେ, ଯୁଆଡ଼େ ମୁଁ ଯାଏ ଖାଲି ପ୍ରେମ ପ୍ରେମ ବାସେ। ହାଏ ତୋ ମିଠା ନଜର, ଲାଗେ ନିଜଠୁ ନିଜର, ଭଲପାଏ ତତେ ମୁଁ ନିଃସ୍ୱାର୍ଥରେ, ଭଗବାନ ବନେଇଛି ତତେ ଫୁ ?ସତ୍ ?ରେ, ତୁ ମୋ ପାଇଁ ଗଢ଼ା କାହା ମର୍ଜିରେ।' ଏଇ ଗୀତ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି ଫୁଲବାଣୀ ମାଟିର ଝିଅ ଅଲିଭା ଦାସ। ଆଉ କିଛିଦିନ ପରେ ଏହି ଗୀତଟି ସାମାଜିକ ଗଣମାଧ୍ୟମରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାକୁ ନେଇ ଅଲିଭା ବେଶ ଉତ୍ସାହିତ ଅଛନ୍ତି। ତାଙ୍କ ସହ ଏଥିରେ କଣ୍ଠଦାନ କରିଛନ୍ତି ଉଦୀୟମାନ କଣ୍ଠଶିଳ୍ପୀ ବୈଭବ। ରଞ୍ଜିତ କୁମାର ଦାସ (ବୁଢ଼ା ଭାଇନା)ଙ୍କ ନିବେଦିତ ଏହି ଗୀତଟି ଲେଖିଛନ୍ତି ଶୁଭାଶିଷ ଏବଂ ସ୍ୱର ସଂଯୋଜନା କରିଛନ୍ତି ଦୁର୍ଗା। ସଂଗୀତ ପରିଚାଳନା କରିଛନ୍ତି ପ୍ରଭାତୀ ଦାସ। ଅଲିଭା ଓ ବୈଭବଙ୍କ କଣ୍ଠ ଶ୍ରୋତାଙ୍କୁ ଏହି ଗୀତ ଓ ଗୀତଦୃଶ୍ୟ ପ୍ରତି ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।

ଭିନ୍ନ ଏକ ହିରୋର କାହାଣୀ କହିବେ ରଣବୀର

ଆପଣମାନେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅନେକ ପ୍ରକାରର ହିରୋ ଦେଖିଥିବେ। ଗନ୍ ବାଲା ହିରେ, ଧନ୍ ବଲା ହିରୋ, ପୁଲିସ ବାଲା ହିରୋ, ଲାଲ ଚଡ୍ଡି ବାଲା ହିରୋ, ନମ୍ବର ୱାନ୍ ହିରୋ। କିନ୍ତୁ ହିରୋଗିରିରେ ସମସ୍ତଙ୍କଠୁ ଭିନ୍ନ ଥିବା ହିରୋ ବିଷୟରେ ଶୁଣିଛନ୍ତି କି। ନା ହେଉଛି ଜୟେଶଭାଇ, ଆଉ ତାଙ୍କ କାମ ହେଉଛି ଜୋରଦାର। ଏଭଳି କିଛି ନିଆରା ଢ଼ଙ୍ଗରେ ନିଜ ଅପ୍‌କମିଂ ଫିଲ୍ମର ଇଣ୍ଟରଡ୍ରକ୍ସନ ଦେଇଛନ୍ତି ବଲିଉଡର ବାଜିରାଓ ଓରଫ ରଣବୀର ସିଂହ। ବହୁପ୍ରତିକ୍ଷିତ ଫିଲ୍ମ 'ଜୟେଶଭାଇ ଜେରଦାର'ର ରିଲିଜ ତାରିଖ ଘୋଷଣା ହୋଇଛି। ନିଜ ଅନ୍ଦାଜରେ ଏହାକୁ ଘୋଷଣା କରିଛନ୍ତି ରଣବୀର। ଏହି ଫିଲ୍ମ ଜରିଆରା ପୁଣିଥରେ ରଣବୀରଙ୍କ ଦେଖିବାକୁ ମିଳିବ ଅତରଙ୍ଗୀ ଅବତାର। ଏହି ଫିଲ୍ମରେ ସେ ଜଣେ ଗୁଜୁରାଟୀ ବ୍ୟକ୍ତି ଚରିତ୍ରରେ ନଜର ଆସିବେ। ତାଙ୍କ ଅପୋଜିଟରେ ଅଭିନେତ୍ରୀ ଶାଲିନୀ ପାଣ୍ଡେ ଅଛନ୍ତି। ଅନ୍ୟପ୍ରମୁଖ ଭୂମିକାରେ ରତ୍ନା ପାଠକ ଓ ବୋମନ ଇରାନୀ ନଜର ଆସିବେ। ଦିବ୍ୟାଙ୍ଗ ଠକ୍କରଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମ ଆସନ୍ତା ମା' ୧୩ ତାରିଖରେ ପରଦାକୁ ଆସିବ। ସୂଚନା ମୁତାବକ, ରଣବୀର ସିଂହଙ୍କୁ ଶେଷ ଥର ପାଇଁ ଫିଲ୍ମ '୮୩'ରେ ଦେଖିବାକୁ ମିଳିଥିଲା। ଏଥିରେ ସେ ଭାରତୀୟ ଦଳର ପୂର୍ବତନ ଷ୍ଟାର ଖେଳାଳି କପିଲ ଦେବଙ୍କ ଚରିତ୍ରରେ ନଜର ଆସିଥିଲେ। ଏହି ଫିଲ୍ମର ରଣବୀରଙ୍କ ଜବରଦସ୍ତ ଅଭିନୟକୁ ଚାରିଆଡେ ପ୍ରଶଂସା କରାଯାଇଥିଲା।

ସମସ୍ତ ରୁଷୀୟ ଧାରାବାହିକ ପ୍ରସାରଣ ସ୍ଥଗିତ ରଖିଲା 'ନେଟ୍‌ଫ୍ଲିକ୍ସ'

ୟୁକ୍ରେନ୍ ଉପରେ ରୁଷ୍ ସାମରିକ ଅଭିଯାନ ଚଳାଇବାରୁ ବୃହତ୍ ପ୍ରସାରଣକାରୀ ସଂସ୍ଥାନ 'ନେଟ୍‌ଫ୍ଲିକ୍ସ' ଆଉ ରୁଷୀୟ ଧାରାବାହିକ ଆଦି ପ୍ରସାରଣ କରିବ ନାହିଁ।

ଭ୍ଲାଦିମିର ପୁଟିନ୍‌ଙ୍କ ନେତୃତ୍ୱାଧୀନ ଦେଶ ରୁଷ୍‌ରୁ ଆଗାମୀ ଦିନ ପାଇଁ ଖରିଦ କରିବାକୁ ଥିବା ସମସ୍ତ ଧାରାବାହିକ ପ୍ରକଳ୍ପ ସ୍ଥଗିତ ରଖିବା ପାଇଁ 'ନେଟ୍‌ଫ୍ଲିକ୍ସ' ନିଷ୍ପତ୍ତି ନେଇଛି ବୋଲି ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଛି।

ସମ୍ପ୍ରତି 'ନେଟ୍‌ଫ୍ଲିକ୍ସ'କୁ ୪ଟି ମୌଳିକ ରୁଷୀୟ ଧାରାବାହିକ ଆସିବାର ଥିଲା। ଏଥିରେ ରହିଛି ସୁଟିଙ୍ଗ୍ ହୋଇ ସାରିଥିବା ଦାସା ଝୁକ୍ ?ଙ୍କ ନିର୍ଦ୍ଦେଶିତ ଗୋଟାଏ ଅପରାଧ ଧାରାବାହିକ। ଏହି ୧୯୯୦ ଦଶକ ସେଟ୍ ସିରିଜ୍‌ଟି ହେଉଛି ରୁଷ୍‌ରେ ସୁଟିଙ୍ଗ୍ ହୋଇଥିବା 'ନେଟ୍‌ଫ୍ଲିକ୍ସ'ର ଦ୍ୱିତୀୟ ସିରିଜ୍। ପ୍ରଥମଟି ଥିଲା ଗତ ବର୍ଷର 'ଆନ୍ନା କେ'।

ମାତ୍ର ୧ ବର୍ଷ ହେବ ଦେଶରେ ଆରମ୍ଭ ହୋଇଥିବା ଏହି ପ୍ରସାରଣ ସେବାର ୧ ନିୟୁତରୁ ଅଧିକ 'ସବ୍‌ସ୍କ୍ରାଇବର' ଥିବା କଥା ମନେହେଉଛି। 'ନେଟ୍‌ଫ୍ଲିକ୍ସ' ଆଗରୁ 'ଡିଜ୍‌ନି' ଏବଂ 'ୱାର୍ଣ୍ଣରବ୍ରଦର୍ସ' ରୁଷ୍‌ରେ ହେଉଥିବା ସେମାନଙ୍କ ଧାରାବାହିକ ପ୍ରକଳ୍ପଗୁଡ଼ିକର ପ୍ରସାରଣ ବନ୍ଦ ରଖିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ।

ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି ବିଗ୍ ବଜେଟ୍‌ର ଚଳଚ୍ଚିତ୍ର 'ପଠାନ୍'

ଅନେକ ସମୟରେ ପ୍ରଯୋଜକ ଆଦିତ୍ୟ ଚୋପ୍ରା ଓ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କ ମିଳିତ ଚିନ୍ତାଧାରାର ଚଳଚ୍ଚିତ୍ର ଦର୍ଶକଙ୍କୁ ଯାଦୁ ଦେଖାଇଛି। ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି ବିଗ୍ ବଜେଟ୍‌ର ଚଳଚ୍ଚିତ୍ର 'ପଠାନ୍'। ଗୋଟେ ପାଗଳପଣର ପ୍ରେମକୁ କଳାତ୍ମକ ଓ ନାଟକୀୟ ଢଙ୍ଗରେ ଉପସ୍ଥାପିତ କରିବାର ପ୍ରୟାସ କରିଛନ୍ତି ସିଦ୍ଧାର୍ଥ। 'ପଠାନ୍' ଫିଲ୍ମଟିକୁ କେବଳ ଭାରତୀୟ ଦର୍ଶକ ନୁହେଁ, ବିଶ୍ୱ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯୋଜନା ରଖିଛନ୍ତି ଆଦିତ୍ୟ ଓ ସିଦ୍ଧାର୍ଥ। ଚଳଚ୍ଚିତ୍ର 'ପଠାନ୍'ରେ ଶାହାରୁଖ୍‌ଙ୍କ ସହ ପ୍ରେମୀଯୋଡ଼ି ସାଜିଛନ୍ତି ଦୀପିକା ପାଦୁକୋନ୍। କେବଳ କ'ଣ ଶାହାରୁଖ୍‌ଙ୍କ ଇମେଜ୍, ୟଶରାଜ୍ ଫିଲ୍ମ ବ୍ୟାନରରେ କାମ କରିଥିବାରୁ ଦୀପିକା ଅଧିକ କ୍ରେଜି ଅଛନ୍ତି। ଯଦିଓ ଦୀପିକାଙ୍କ ଚରିତ୍ର ସମ୍ପର୍କରେ ସ୍ପଷ୍ଟ ଚିତ୍ର ଜଣାପଡ଼ିନାହିଁ, କିନ୍ତୁ କୁହାଯାଉଛି ଏଥିରେ ଦୀପିକା ସବୁଠୁ ଫିଟେଷ୍ଟ୍ ଓ ହଷ୍ଟେଷ୍ଟ୍ ଲାଗିବେ। ଏବେ ବଲିଉଡ୍‌ର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ ହେଉଛନ୍ତି ଦୀପିକା। ପୁଣି ଥରେ ଶାହାରୁଖ୍‌ଙ୍କ ବାହୁ ବନ୍ଧନକୁ ଆସିଛନ୍ତି ସେ। ଆକ୍ସନ୍, ଇମୋସନ୍, ଡ୍ୟାନ୍ସ, ଡାଇଲଗ୍; ଶାହାରୁଖ୍ ଓ ଦୀପିକାଙ୍କ ଭିତରେ ଏମିତି ସବୁପ୍ରକାର ଲୀଳା ଦେଖିବାକୁ ମିଳିବ। ଅବଶ୍ୟ ଏ ଦୁହିଙ୍କ ମଝିରେ ଅଛନ୍ତି ଜନ୍ ଆବ୍ରାହମ୍। 'ଓମ୍ ଶାନ୍ତି ଓମ୍'ରେ ଏକ ଗୌଣ ଭୂମିକାରେ ଆସି ଦୀପିକା ସେତେଟା ଦୃଷ୍ଟି ଆକର୍ଷଣ କରି ନ ଥିଲେ, କିନ୍ତୁ 'ଚେନ୍ନାଇ ଏକ୍ସପ୍ରେସ୍' ଓ 'ହାପି ନ୍ୟୁ ଇୟର'ରେ ଶାହାରୁଖ୍‌ଙ୍କ ବିପକ୍ଷର ନାୟିକା ସାଜି ଦୀପିକା ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ଦେଖାଯାଉ 'ପଠାନ୍' ମାଧ୍ୟମରେ ଖାନ୍ ଓ ପାଦୁକୋନ୍ ପୁଣି ଦର୍ଶକଙ୍କୁ ସେତିକି ମାତ୍ରାରେ ମନୋରଞ୍ଜନ ଦେଇପାରୁଛନ୍ତି କି ନାହିଁ!!!

କଭି ହାଁ କଭି ନାର ଭିତିରି କଥା

'କଭି ହାଁ କଭି ନା' ଚଳଚ୍ଚିତ୍ରର ଗୋଟିଏ ସଂଳାପ- 'ଶାଲା ଇସ୍‌କୋ କୟୁଁ ମିଲ୍‌ଗୟୀ ଲଡ୍‌କୀ' ନେଇ ଏବେ ବି ପ୍ରଶଂସକମାନେ ଅଭିଯୋଗ କରୁଛନ୍ତି। ନିକଟରେ ଚଳଚ୍ଚିତ୍ରକୁ ୨୮ ବର୍ଷ ପୂରିଛି। ସେତେବେଳେ ଏଇ ସିନେମାଟିକୁ ଦେଖିବାକୁ ଦର୍ଶକଙ୍କ ଭିତରେ ଅଶେଷ ଉତ୍କଣ୍ଠା ଦେଖାଦେଇଥିଲା। ବଲିଉଡ୍ ହଙ୍ଗାମାକୁ ସାକ୍ଷାତକାର ଦେବାବେଳେ ସୁଚିତ୍ରା କ୍ରିଷ୍ଣମୂର୍ତ୍ତୀ ଏଇ ଚଳଚ୍ଚିତ୍ରର ଅନେକ ଗୋପନୀୟ କଥା ପ୍ରକାଶ କରିଛନ୍ତି। ସେ କହିଛନ୍ତି- ଅଭିନେତା ଇରଫାନ୍ ଖାନ୍‌ଙ୍କ ପତ୍ନୀ ସୁତପା ସିକ୍‌ଦାର ଏଇ ଫିଲ୍ମର କଳାକାରଙ୍କ ପାଇଁ କଷ୍ଟ୍ୟୁମ୍ ଡିଜାଇନ୍ କରିଥିଲେ। ଏଥିରେ ସେତେବେଳେ ଅଭିନେତା-ନିର୍ଦ୍ଦେଶକ ଦୀପକ ତିଜୋରୀଙ୍କୁ ଏକ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଥିଲା। ଚଳଚ୍ଚିତ୍ର 'କଭି ହାଁ କଭି ନା' କଥା ମନେପଡ଼ିଲେ ପ୍ରଥମେ ନଜରକୁ ଆସନ୍ତି ଏହାର ନିର୍ଦ୍ଦେଶକ କୁନ୍ଦନ ଶାହ। ପୂରା ଟିମ୍ ଖୋଜୁଥାନ୍ତି କ୍ରିଶ୍ ଚରିତ୍ରକୁ। କିଏ ଏଇ ଭୂମିକାରେ ଆସିଲେ ଫିଟ୍ ଲାଗିବ। ନିର୍ଦ୍ଦେଶକ କୁନ୍ଦନ ଦୀପକ ତିଜୋରୀଙ୍କୁ ହିଁ ମନୋନୀତ କଲେ। କୁନ୍ଦନ ଦୀପକଙ୍କୁ କହିଥିଲେ- ଥରୁଟିଏ ସ୍କ୍ରିପ୍ଟ ପଢ଼ିନିଅ। ଦୀପକ ପଢ଼ିଲେ ଏବଂ ସଙ୍ଗେ ସଙ୍ଗେ କ୍ରିଶ୍ ଚରିତ୍ରରେ ଅଭିନୟ କରିବାକୁ ରାଜି ହେଇଗଲେ। ସୁଟିଂ ଚାଲିଲା ଗୋଆରେ। ୟୁନିଟ୍ ଭିତରେ ଥିବା ସମସ୍ତ ସଦସ୍ୟଙ୍କ ଭିତରେ ବନ୍ଧୁତାର ଭାବ ଥିଲା। ସୁଟିଂ ସମୟରେ ସବୁ କଳାକାରଙ୍କୁ ଯଥେଷ୍ଟ ସମୟ ମିଳୁଥିଲା। ଦୀପକଙ୍କ ସହ ଆଶୁତୋଷ ଗୋଆରିକର ବି ଯୋଡ଼ି ହେଇଯାଇଥିଲେ। ଦୀପକ ଓ ଆଶୁତୋଷ ତାଙ୍କ ପୁରୁଣା ସିନେମା 'ପେହଲା ନଶା' ବିଷୟରେ ବହୁତ କଥା ଆଲୋଚନା କରିଥିଲେ। ସେଇଠି ଉଭୟଙ୍କ ଭିତରେ ଏକଥା ମଧ ସ୍ଥିର ହେଇଥିଲା ଯେ 'କଭି ହାଁ କଭି ନା' ଚଳଚ୍ଚିତ୍ର ଜଗତରେ ଏକ ମାଇଲ୍‌ଖୁଣ୍ଟ ହେବ। ସୁଟିଂ ସେଟରେ ଶାହାରୁଖ ପହଞ୍ଚିବା ପରେ ସେଟ୍ ପୂରା ଆଲୋକିତ ହେଇଉଠିଥିଲା। ଏହାପରେ କୁନ୍ଦନ, ଅଜିଜ୍ ମିର୍ଜା, ସଇଦ ମିର୍ଜା, ସୁଧୀର ମିଶ୍ର ପହଞ୍ଚି ସୁଟିଂସେଟକୁ ଆହୁରି ପୁଲକିତ କରିଥିଲେ।

ବ୍ୟସ୍ତ ନାୟିକା ରାଣି ଖାନ୍ନା

ଏବେ ସୁଟିଂଫ୍ଲୋରରେ ଯୋଦ୍ଧା ନାୟିକା। କ୍ୟାମେରା ସାମ୍ନାରେ ନିଜର ବଳ କୌଶଳ ପ୍ରୟୋଗ କରି ସେ ନିଜକୁ କୁଶଳୀ ଯୋଦ୍ଧା ବୋଲି ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଇଏ ହେଉଛନ୍ତି ଅଭିନେତ୍ରୀ ରାଣି ଖାନ୍ନା। ଘଡ଼ିର ନିୟମିତ ଘୂର୍ଣ୍ଣାୟମାନ ଗତି ପରି ଅଭିନେତ୍ରୀ ରାଣିଙ୍କୁ ଗୋଟିଏ ପରେ ଗୋଟିଏ ସିନେମାରେ ଘୂରି ଘୂରି ଅଭିନୟ କରିବାକୁ ପଡୁଛି। ମସ୍କୋରେ ସୁଟିଂ ଚାଲିଥିବା ଅଭିନେତା ନାଗା ଚୈତନ୍ୟଙ୍କ 'ଥ୍ୟାଙ୍କ୍ ୟୁ' ସହିତ ଚେନ୍ନାଇରେ ଅଭିନେତା କାର୍ତ୍ତିଙ୍କ ସହ 'ସର୍ଦ୍ଦାର'ର ମଧ ସୁଟିଂ ଚାଲିଥିଲା। ଏ ଦୁଇଟି ଫିଲ୍ମର ସୁଟିଂ ସରିବା ମାତ୍ରେ ଏପାଖେ ଧର୍ମା ପ୍ରଡକ୍ସନ୍‌ର 'ଯୋଦ୍ଧା' ଚଳଚ୍ଚିତ୍ରରେ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ସାମିଲ ହେଇଛନ୍ତି ରାଣି। ରାଣି ଲୋନାଭାଲାରୁ ମୁମ୍ବାଇ ପୁଣି ସେଠାରୁ ଦିଲ୍ଲୀ; ଏମିତି ଭିନ୍ନ ଭିନ୍ନ ଲୋକେସନ୍‌ରେ ଘୂରି ବୁଲୁଛନ୍ତି। ଜଣାପଡୁଛି ରାଣି ଏବେ ଖୁବ୍ ବ୍ୟସ୍ତ ଅଛନ୍ତି। ଏହା ବ୍ୟତୀତ ଓଟିଟି ପ୍ଲାଟ୍‌ଫର୍ମରେ 'ରୁଦ୍ର: ଦ ଏଜ୍ ଅଫ୍ ଡାର୍କନେସ୍'ରେ ଅଜୟ ଦେବଗନଙ୍କ ବିପକ୍ଷର ନାୟିକା ଅଛନ୍ତି ରାଣି। ଏହାର ଟ୍ରେଲର୍ ଏବେ ମୁକ୍ତିଲାଭ କରିଛି। ଏଥିରେ ରାଣି ଜଣେ ମାନସିକ ରୋଗ ବିଶେଷଜ୍ଞ ଭୂମିକାରେ ଉଭା ହେଇଛନ୍ତି। ରୁଦ୍ର, ଥ୍ୟାଙ୍କ୍ ୟୁ ଓ ସର୍ଦ୍ଦାର ବ୍ୟତୀତ ରାଣି ଧନୁଷଙ୍କ ସହ 'ଥିରୁ ଚିତ୍ରାବଲମ୍' ଏବଂ ବିଜୟ ସେତୁପତି ଓ ସାହିଦ କପୁରଙ୍କ ସହ ଅନ୍ୟ ଏକ ନୂଆ ଚଳଚ୍ଚିତ୍ରରେ ମଧ ପ୍ରମୁଖ ଭୂମିକାରେ ଆସୁଛନ୍ତି।

ଆଜିଠୁ 'ମଞ୍ଜରୀ' ଟିଭିରେ ମ୍ୟୁଜିକ୍ ରିୟଲିଟି ସୋ' 'ଓଡ଼ିଶା ସୁପର ସିଙ୍ଗର'ର ଗ୍ରାଣ୍ଡ୍ ପ୍ରିମିୟର

ଓଡ଼ିଆ ଗୀତକୁ ଭଲ ପାଉଥିବା ଶ୍ରୋତା ଓ ଦର୍ଶକଙ୍କ ପାଇଁ ଖୁସୀ ଖବର। ସେମାନେ ଏଣିକି ବେଶ୍ କିଛି ସପ୍ତାହ ଧରି ପ୍ରତିଭାବାନ୍ ଯୁବ ଗାୟକ-ଗାୟିକାଙ୍କ କଣ୍ଠରେ ଲୋକପ୍ରିୟ ଓଡ଼ିଆ ଗୀତ ସବୁ ଶୁଣିବାକୁ ପାଇବେ କେବଳ ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ 'ମଞ୍ଜରୀ'ରେ। ପ୍ରଥମ ଥର ପାଇଁ 'ମଞ୍ଜରୀ'ରେ ଓଡ଼ିଆ ଗୀତକୁ ନେଇ ପ୍ରସ୍ତୁତ ନୂଆ ମ୍ୟୁଜିକ୍ ରିୟଲିଟି ସୋ' 'ଓଡ଼ିଶା ସୁପର ସିଙ୍ଗର'ର ପ୍ରସାରଣ ଆରମ୍ଭ ହେବାକୁ ଯାଉଛି। ଚଳିତ ମାସ ୪ ତାରିଖରୁ ପ୍ରତି ଶୁକ୍ର, ଶନି ଓ ରବିବାର ରାତି ୮ଟା ୩୦ରେ କେବଳ 'ମଞ୍ଜରୀ'ରେ ଏହା ପ୍ରଦର୍ଶିତ ହେବ। 'ଓଡ଼ିଶା ସୁପର ସିଙ୍ଗର'ରେ ଓଡ଼ିଶାର ବିଭିନ୍ନ ସ୍ଥାନର୧୫ ବର୍ଷରୁ ଅଧିକ ବୟସର ପ୍ରତିଭାବାନ୍ ପ୍ରତିଯୋଗୀ ଯୋଗଦେଇ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ପୂର୍ବରୁ ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ସମ୍ବଲପୁର ଏବଂ ରାଉରକେଲା ଭଳି ସହରରେ ଏହାର ଅଡିସନ ରାଉଣ୍ଡ ଶେଷ ହୋଇଥିବା ବେଳେ ମାର୍ଚ୍ଚ

୪ରେ ହେବ ଗ୍ରାଣ୍ଡ ପ୍ରିମିୟର। ନିକଟରେ 'ଓଡିଶା ସୁପର ସିଙ୍ଗର'ର ଅନେକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ଓଲିଉଡର ଲୋକପ୍ରିୟ ଗାୟିକା ଦୀପ୍ତିରେଖା, ଅନ୍ତରା ଏବଂ ଗାୟକ ଅଭିଜିତଙ୍କ ସହିତ ଓଡ଼ିଶାର ଘରେ ଘରେ ପରିଚିତ ପ୍ରତିଷ୍ଠିତ ଗାୟିକା ତୃପ୍ତି ଦାସଙ୍କୁ ଦେଖିବାକୁ ମିଳିଛି । ଦୀପ୍ତିରେଖା, ଅନ୍ତରା ଏବଂ ଅଭିଜିତ ଏହି ରିଆଲିଟି ସୋ'ରେ ଜଜ୍ ଭାବେ ଏବଂ ତୃପ୍ତି ଦାସ ସୁପର ଜଜ୍ ଭାବେ ଦେଖିବାକୁ ମିଳିବେ । ସେମାନେ ରାଜ୍ୟର ୪୦ ଜଣ ବଛାବଛା ଯୁବ କଣ୍ଠଶିଳ୍ପୀଙ୍କ ପ୍ରତିଭା ପରଖିବେ। ଏହି ରିଆଲିଟି ସୋ'ରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟ ଦେଇ ଆଗକୁ ବଢିବାକୁ ହେବ । ଏଥିରେ ବିଜେତାଙ୍କୁ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ସହିତ ଅନେକ ଆକର୍ଷଣୀୟ ଉପହାର ମିଳିବ। ଏହା ସହିତ 'ମଞ୍ଜରୀ' ମୁଭିଜ୍ ଓ ମ୍ୟୁଜିକ ଭିଡିଓ, ରେଡିଓ ଚକଲେଟ୍, ଆମର ମ୍ୟୁଜିକ୍ ଏବଂ ଓଡିଆ ୱାନ୍ ପରି ପ୍ଲାଟଫର୍ମରେ ଗୀତ ଗାଇବାର ସୁଯୋଗ ମିଳିବ ।

ଗତ ୨୪ ଘଣ୍ଟା ମଧ୍ୟରେ ୧୩୮ କରୋନା ପଜିଟିଭ ଚିହ୍ନଟ : ୩୩ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୦୩/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୭୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୬୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୩୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୩୧ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୪ ଜଣ, ବାଲେଶ୍ୱରରୁ ୬ ଜଣ, ବଲାଙ୍ଗୀରରୁ ୩ ଜଣ, ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୫ ଜଣ, ଦେବଗଡ଼ରୁ ୫ ଜଣ, ଗଜପତିରୁ ୧୮, ଗଞ୍ଜାମରୁ ୩ ଜଣ, ଜଗତସିଂହପୁରରୁ ୧ ଜଣ, ଯାଜପୁରରୁ ୩ ଜଣ, ଝାରସୁଗୁଡ଼ାରୁ ୧୩ ଜଣ, କେନ୍ଦ୍ରାପଡ଼ାରୁ ୪ ଜଣ, ଖୋର୍ଦ୍ଧାରୁ ୭ ଜଣ, କୋରାପୁଟରୁ ୩ ଜଣ, ମୟୁରଭଞ୍ଜରୁ ୧୧ ଜଣ, ନବରଙ୍ଗପୁରରୁ ୩ ଜଣ, ନୂଆପଡ଼ାରୁ ୧ ଜଣ, ପୁରୀରୁ ୨



ଜଣ, ସମ୍ବଲପୁରରୁ ୩୧ ଜଣ, ସୁନ୍ଦରଗଡ଼ରୁ ୧୧ ଜଣ ଓ ଷ୍ଟେଟ ପୁଲରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୫, ୪୮୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୪, ୪୨୬ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧,୯୨୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

ଇଲେକ୍ଟ୍ରିକ ବାଇକ ଏମୋ ସୋ'ରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର,୦୩/୦୩ (ନି.ପ୍ର): ପଟିଆସ୍ଥିତ ସୂର୍ଯ୍ୟବିହାରରେ ଏମୋ ମୋବିଲିଟି ପ୍ରାଇଭେଟ ଲିମିଟେଡ଼ର ଏମୋ ଇଲେକ୍ଟ୍ରିକ ବାଇକ ସୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋ'ରୁମ୍‌କୁ ଉଦ୍‌ଘାଟନ କରି ଇଲେକ୍ଟ୍ରିକ ସ୍କୁଟର ଦେଖିବା ସହ ମଡ଼େଲ ଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ । ଅନ୍ୟତମ ଅତିଥି ଭାବେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଗୁପ୍ତା ପାୱାର ଲିମିଟେଡ଼ର ଅଧ୍ୟକ୍ଷ ମହେନ୍ଦ୍ର ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ । ଇ-ସ୍କୁଟର ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷଣ ଦୂର ହେବା ସହିତ ଏକ ସୁନ୍ଦର ଓ ସବୁଜ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉଦ୍‌ଘାଟନୀ ଅବସରରେ ସୋ'ରୁମ୍ ପକ୍ଷରୁ ୬ ପ୍ରକାରର ୫ଟି ମଡେଲ୍ ସ୍କୁଟର ଶୁଭାରମ୍ଭ କରାଯାଇଛି । ଏହି ଇ-ସ୍କୁଟର ଗୁଡ଼ିକରେ ଲିଥିୟମ ଆଇଅନ୍ ବ୍ୟାଟେରୀ ବ୍ୟବହାର ହୋଇଥିବା ବେଳେ ଏହାକୁ ଥରେ ଚାର୍ଜ କଲେ ୧୨୦ କିଲୋମିଟର ଯାଇପାରିବ ବୋଲି ସୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି ।

ଏଥିସହିତ ଲିଡ୍ ଏସିଡ୍ ନିର୍ମିତ ଇ-ସ୍କୁଟର ୭୦-୮୦ କିଲୋମିଟର ଯାଇପାରିବ । ଇ-ସ୍କୁଟର ଗୁଡ଼ିକର ଏକ୍ସ ସୋ'ରୁମ୍ ମୂଲ୍ୟ ୬୦ ହଜାରରୁ ଆରମ୍ଭ ହୋଇ ୯୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ଏଥିରେ ରାଜ୍ୟ ସରକାରଙ୍କର ଇ-ସ୍କୁଟର ଉପରେ ଥିବା ୫ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ଗ୍ରାହକମାନେ ପାଇପାରିବେ ବୋଲି ସୋ'ରୁମ୍ ପକ୍ଷରୁ କୁହାଯାଇଥିଲା । ଏହି ଉତ୍ସବରେ ପରିବେଶବିତ୍ ଏ.କେ. ଶାରଦା, ଏସ୍.କେ. ମିଶ୍ର, ଭୁବନେଶ୍ୱର କ୍ଲବ ସଦସ୍ୟ ଅଶୋକ ମିଶ୍ର, ସତିସ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

ଏଥର ୧୧୪ ବୁଥରେ ହୋଇଛି ସାନି ମତଦାନ

ଭୁବନେଶ୍ୱର ,୦୩/୦୩ (ନି.ପ୍ର): ଏଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବ୍ୟାପକ ହିଂସାକାଣ୍ଡ ହୋଇଥିଲେ ହେଁ ମାତ୍ର ୧୧୪ଟି ବୁଥରେ ପୁନଃ ମତଦାନ ହୋଇଛି । ଯାହା ପୂର୍ବ ନିର୍ବାଚନଗୁଡ଼ିକ ତୁଳନାରେ ବହୁତ କମ୍ ବୋଲି ପୁଲିସ ବିଭାଗ ପକ୍ଷରୁ କୁହାଯାଇଛି । ୨୦୧୭ରେ ୧୩୦ଟି ବୁଥ୍, ୨୦୧୨ରେ ୩୦୯ଟି, ୨୦୦୭ରେ ୨୨୯ଟି, ୨୦୦୨ରେ ୪୫୩ଟି ବୁଥ୍‌ରେ ପ୍ରଶାସନିକ/ ବୈଷୟିକ ଓ ନିର୍ବାଚନୀ ହିଂସା ଯୋଗୁଁ ନିର୍ବାଚନ ବାଧାପ୍ରାପ୍ତ ହେବାରୁ ସାନି ମତଦାନ ହୋଇଥିଲା । ହେଲେ ଏଥର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାରୁ ନାମାଙ୍କନ ପତ୍ର ଦାଖଲରୁ ଆରମ୍ଭ କରି ଭୋଟ୍ ଗଣତି ପର୍ଯ୍ୟନ୍ତ ସବୁ କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ ହୋଇଛି ।

କେବଳ ଏତିକି ନୁହେଁ । ଏଥର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ, ମାଓ ଅଞ୍ଚଳ, ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ହୋଇଛି । ଲୋକ ନିଜକୁ ନିରାପଦ ମଣିବାରୁ ବହୁଳ ମାତ୍ରାରେ ଆସି ଭୋଟ୍ ଦେଇଛନ୍ତି । ଏଥର ପାଞ୍ଚ ପର୍ଯ୍ୟାୟରେ ରେକର୍ଡ ୭୮.୬% ମତଦାନ ହୋଇଛି । ଯେତେବେଳେକି ୨୦୧୭ରେ ୭୮.୦୩%, ୨୦୧୨ରେ ୭୫.୩% ଏବଂ ୨୦୦୭ରେ ୭୩% ମତଦାନ ହୋଇଛି ।

ସେହିପରି ଗଣତି ଯେପରି ଶାନ୍ତିଶୃଙ୍ଖଳାର ସହ ହେବ ସେଥିପାଇଁ ବ୍ଲକ ମୁଖ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବା ସହ ଅଧିକ ସିସିଟିଭି ଲଗାଯାଇଥିଲା । ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ୫୧୭୩ଟି ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୪୧ଟି ବେଆଇନ ଅସ୍ତ୍ରଶସ୍ତ୍ର, ୩.୨୬କେଜି ନିଶା ସାମଗ୍ରୀ ଜବତ କରାଯିବା ସହ ୧୯୪୧ ଜଣ ୱାରେଣ୍ଟିଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ ବିଭାଗ ପକ୍ଷରୁ କୁହାଯାଇଛି ।

ଦୁର୍ଗାଶଙ୍କର ପଟ୍ଟନାୟକ ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ଅଧ୍ୟକ୍ଷ

ଭୁବନେଶ୍ୱର,୦୩/୦୩ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ ପିଜି କାଉନସିଲ ଅଧ୍ୟକ୍ଷ ଭାବେ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ କାର୍ଯ୍ୟରେ ଯୋଗଦେଇଛନ୍ତି । ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ହଲ୍‌ରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସେବାନିବୃତ କର୍ମଚାରୀମାନେ ସମାଜରେ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବା ଆବଶ୍ୟକ । ସେମାନଙ୍କ ଅଭିଜ୍ଞତା ଓ ଦକ୍ଷତା ସମାଜ ହିତରେ ବ୍ୟବହାର କରାଯାଇପାରିବ ବୋଲି କହିଥିଲେ ।

ନୂତନ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିତ୍ତ ନିୟନ୍ତ୍ରକ ସୁରେନ୍ଦ୍ର କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝୀ ଅତିଥି ଭାବେ ଯୋଗଦେଇ ପ୍ରଫେସର ମଲ୍ଲିକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହ ତାଙ୍କ ଦୀର୍ଘମୟ ଜୀବନର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ପ୍ରଫେସର ମଲ୍ଲିକଙ୍କୁ

ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ବର୍ଣ୍ଣନା କରିଥିଲେ । ସମ୍ବର୍ଦ୍ଧନା ଅବସରରେ ପ୍ରଫେସର ମଲ୍ଲିକ କହିଲେ ବିଶ୍ୱବିଦ୍ୟାଳୟ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ତାହା ସଫଳତାର ସହ ସମ୍ପାଦନ କରିଛି । ବିଶ୍ୱବିଦ୍ୟାଳୟର ବିକାଶରେ ଯଦି ମୋର ଦକ୍ଷତା ଓ ଅଭିଜ୍ଞତା କାର୍ଯ୍ୟରେ ଲାଗିପାରିବ ତାହେଲେ ଜୀବନ ଧନ୍ୟ ହୋଇଯିବ । କାର୍ଯ୍ୟକ୍ରମ ଶେଷରେ ପିଜି କାଉନସିଲର ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବରାଳ ଧନ୍ୟବାଦ ଦେଇଥିଲେ ।

ମେଲ୍ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅଣସଂରକ୍ଷିତ ଦ୍ୱିତୀୟ ଶ୍ରେଣୀ ଯାତ୍ରା ପୁଣି ଆରମ୍ଭ

ଭୁବନେଶ୍ୱର ,୦୩/୦୩ (ନି.ପ୍ର): ପୂର୍ବ ଭଳି ମେଲ୍ ଏକ୍ସପ୍ରେସ୍ ଟ୍ରେନ୍ ଗୁଡ଼ିକରେ ଅଣସଂରକ୍ଷିତ ଦ୍ୱିତୀୟ ଶ୍ରେଣୀ ଯାତ୍ରା ପୁଣି ଆରମ୍ଭ କରିବା ପାଇଁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । କୋଭିଡ୍ ପୂର୍ବ ସମୟ ପରି ଦ୍ୱିତୀୟ ଶ୍ରେଣୀ କୋଚ୍ ଗୁଡ଼ିକରେ ସଂରକ୍ଷିତ କିମ୍ବା ଅଣସଂରକ୍ଷିତ ରଖାଯିବ । ଏହାବ୍ୟତୀତ ଛୁଟି ଦିନଗୁଡ଼ିକ ପାଇଁ ବିଶେଷ ଟ୍ରେନ୍ ଭାବେ ବର୍ତ୍ତମାନ ଚଳାଚଳ କରୁଥିବା ସ୍ପେସାଲ୍ ଟ୍ରେନ୍‌ଗୁଡିକର ଦ୍ୱିତୀୟ ଶ୍ରେଣୀ କୋଚ୍‌ଗୁଡ଼ିକ ମଧ୍ୟ ପ୍ରଯୁଜ୍ୟତା ଅନୁଯାୟୀ ସଂରକ୍ଷିତ କିମ୍ବା ଅଣସଂରକ୍ଷିତ ରହିବ ।

ଦଳ ବିରୋଧି କାର୍ଯ୍ୟ ପାଇଁ ପ୍ରଣବ ଛୋଟରାୟଙ୍କୁ ନିଲମ୍ବନ କଲା ସମୃଦ୍ଧ ଓଡ଼ିଶା

ଭୁବେନଶ୍ୱର,୦୩/୦୩ (ନି.ପ୍ର): ସମୃଦ୍ଧ ଓଡ଼ିଶା ଦଳର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସବ୍ କମିଟିର ଅଧ୍ୟକ୍ଷ ମେନାରଂଜନ ଦାସ ଦଳର ସମ୍ମାନ ହାନି ଓ ବିଶୃଙ୍ଖଳିତ ଆଚରଣ ପ୍ରଦଶର୍ନ କରୁଥିବା ଅଭିଯୋଗେର ପ୍ରଣବ ଛୋଟରାୟଙ୍କୁ ନିଲମ୍ବନ କରାଯାଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ସମୃଦ୍ଧ ଓଡ଼ିଶା ଦଳ ତରଫରୁ ପ୍ରକାଶ ପାଇଛି । ପ୍ରତିଷ୍ଠାତା ସଭାପତି ତଥା ବତର୍ମାନର ସଭାପତି ଡଃ ଯତୀଶ ଚନ୍ଦ୍ର ମହାନ୍ତିଙ୍କୁ ଅସମ୍ମାନ କରିବା, ହ୍ୱାଟ୍‌ସ ଆପ ଗ୍ରୁପେର ଭୂଲ୍ ତଥ୍ୟ ପରିବେଷଣ କରିବା, ଅଶାଳୀନ ମନ୍ତବ୍ୟ ଦେବା ଏପରିକି ସମୃଦ୍ଧ ଓଡ଼ିଶାର ବିଚାର ବହିର୍ଭୁତ କାର୍ଯ୍ୟ କରୁଥିବା ଯୋଗୁ ପ୍ରଣବ ଛୋଟରାୟଙ୍କୁ ସାତ ଦିନ ମଧ୍ୟେର କାରଣ ଦର୍ଶାଅ ନୋଟିସ୍ ସମୃଦ୍ଧ ଓଡ଼ିଶା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସବ୍ କମିଟିର ଅଧ୍ୟକ୍ଷ ମେନାରଂଜନ ଦାସ ତାଙ୍କ ପାଖକୁ ପଠାଇବା ସହ ଦଳର ସଦସ୍ୟ ପଦରୁ ଶ୍ରୀ ଛୋଟରାୟଙ୍କୁ ନିଲମ୍ବନ କରିଛନ୍ତି ।

ୟୁକ୍ରେନ୍‌ରେ ଫସିଥିବା ଓଡ଼ିଆଙ୍କ ପାଇଁ ବିଜେପିର ହେଲ୍‌ପ ଲାଇନ୍

ଭୁବନେଶ୍ୱର ,୦୩/୦୩ (ନି.ପ୍ର): ଋଷ ଓ ୟୁକ୍ରେନ୍‌ରେ ଚାଲିଥିବା ଯୁଦ୍ଧ ଯୋଗୁଁ ୟୁକ୍ରେନ୍‌ରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କ ସହାୟତା ପାଇଁ ରାଜ୍ୟ ବିଜେପି ପକ୍ଷରୁ ହେଲ୍‌ପ ଲାଇନ୍ ଜାରି କରାଯାଇଛି । (+୯୧)୬୭୪-୨୩୯୩୯୫୫, ହ୍ୱାଟ୍‌ସଆପ୍ ନିମ୍ବର +୯୧-୬୩୭୦୯୫୪୨୦୩ କୁ ଯୋଗାଯୋଗ କରିବା ଲାଗି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଅନୁରୋଧ କରିଛନ୍ତି ।

ଦଳ ପକ୍ଷରୁ କୁହାଯାଇଛି ଯେ ୟୁକ୍ରେନ୍‌ରେ ଫସି ରହିଥିବା ଭାରତୀୟଙ୍କ ସୁରକ୍ଷା ଓ ସେମାନଙ୍କୁ ସୁରକ୍ଷିତ ଭାବେ ଦେଶାକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ସବୁ ପ୍ରକାର ପ୍ରଚେଷ୍ଟା ଜାରି ରଖିଛନ୍ତି । ୪ କେନ୍ଦ୍ର ମନ୍ତ୍ରୀ ବିଭିନ୍ନ ଦେଶକୁ ଯାଇ ଭାରତୀୟଙ୍କୁ ଫେରାଇ ଆଣିବା କାର୍ଯ୍ୟ କରୁଛନ୍ତି । ଫସି ରହିଥିବା ଓଡ଼ିଆଙ୍କୁ ସୁରକ୍ଷିତ ଘରକୁ ଫେରାଇ ଆଣିବାକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଓଡ଼ିଶା ଦାୟିତ୍ୱରେ ଥିବା ବିଜେପି ରାଷ୍ଟ୍ରୀୟ ସଂପାଦକ ବିନୋଦ ତାବଡେଙ୍କ ସହିତ ଆଲୋଚନା କରିଛନ୍ତି । ପ୍ରବାସୀ ଓଡ଼ିଆ ଛାତ୍ରଛାତ୍ରୀ ଓ ତାଙ୍କ ପରିବାରକୁ ସହାୟତା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ଏକ ହେଲ୍‌ପ ଡେସ୍କ ଖୋଲା ଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି ।

'ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ'ରେ ଥଇଥାନ : ଅବସର ପରେ ୧୮ ଜଣଙ୍କୁ ମିଳିଛି ପୁନଃନିଯୁକ୍ତି

ଭୁବନେଶ୍ୱର,୦୩/୦୩ (ନି.ପ୍ର): ରାଜ୍ୟରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ରାଜ୍ୟ ସରକାର ଖାଲି ପଡ଼ିଥିବା ନିଜର ମୂଳ ପଦବୀଗୁଡ଼ିକୁ ଏପର୍ଯ୍ୟନ୍ତ ପୂରଣ କରିବାରେ ସକ୍ଷମ ହୋଇପାରିନାହାନ୍ତି । ଏପଟେ କିନ୍ତୁ ଅବସର ନେଉଥିବା କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦେଇ ବର୍ଷ ବର୍ଷ ଧରି କାମ କରିବାର ସୁଯୋଗ ଦେଉଛନ୍ତି । ତା'ପୁଣି ରାଜ୍ୟ ରାଜକୋଷ ପାଣ୍ଠିରେ । ବିଶେଷକରି ରାଜ୍ୟ ଶାସନର ପ୍ରାଣକେନ୍ଦ୍ର ପାଲଟିଥିବା 'ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ'ରେ ଏବେ ୧୮ଜଣ କର୍ମଚାରୀଙ୍କୁ ଅବସରପରେ ପୁନଃନିଯୁକ୍ତି ଦିଆଯାଇ ଏକପ୍ରକାର ଥଇଥାନ କରାଯାଇଥିବା ଜଣାପଡ଼ିଛି ।

ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ ଫେବୃୟାରୀ ୨୫ତାରିଖ

ସୁଦ୍ଧା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ପ୍ରାୟ ୭୨୮୮୯ଟି ପଦବୀ ଖାଲି ପଡ଼ିଥିବାବେଳେ ସେଥିରୁ ୪୯୪୨୪ଟି ପଦବୀ ପୂରଣ ନିମନ୍ତେ ସରକାରଙ୍କ ନିଯୁକ୍ତି ଏଜେନ୍ସୀ ମାଧ୍ୟମରେ ପ୍ରକ୍ରିୟା ଆରମ୍ଭ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଦୀର୍ଘ ବର୍ଷ ଧରି ଏତେ ସଂଖ୍ୟକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ସରକାର ଏହାକୁ ପୂରଣ କରିବାରେ ଆଗ୍ରହ ନଦେଖାଇ ଗତ କିଛିବର୍ଷ ହେଲା ସରକାରୀ ଚାକିରିରୁ ଅବସର ନେଉଥିବା କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦେଇ ଅଧିକାଂଶ ବିଭାଗକୁ ଥଇଥାନର କେନ୍ଦ୍ର କରାଇଛନ୍ତି ।

ବିଶେଷକରି ଏବେ 'ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ' ହିଁ ପ୍ରମୁଖ ଥଇଥାନ କେନ୍ଦ୍ର ପାଲଟିଛି । ସେଠାରୁ ଅବସର ନେଉଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଉଛି । ତେବେ ଏତେ ସଂଖ୍ୟକ କର୍ମଚାରୀଙ୍କୁ କାହିଁକି ସେଠାରେ ପୁନଃନିଯୁକ୍ତି ଦେଇ ଥଇଥାନ କରାଯାଉଛି ଓ ନୂଆ କର୍ମଚାରୀଙ୍କୁ ସେଠାରେ ନିଯୁକ୍ତି ମିଳୁନି ତାହା ରାଜ୍ୟ ଲୋକସେବା ଭବନର ଅନ୍ୟ କର୍ମଚାରୀମାନଙ୍କୁ ଅସନ୍ତୁଷ୍ଟ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗତ ୨୦୧୯ ଜୁଲାଇରୁ ୨୦୨୨ ଜାନୁୟାରୀ ମାସ ମଧ୍ୟରେ ଅବସର ନେଇଥିବା ମୋଟ ୧୮ଜଣଙ୍କୁ ପୁନଃନିଯୁକ୍ତି ମିଳିଛି । ଅବସରପ୍ରାପ୍ତ ଆଇଏଏସ୍ ଆର.ବାଲକ୍ରିଷ୍ଣନ, ଅସିତ୍ ତ୍ରିପାଠୀ, ଉପେନ୍ଦ୍ର ତ୍ରିପାଠୀ ଓ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ମୋଟା ଅଙ୍କର ଦରମାରେ ପୁନଃନିଯୁକ୍ତି ମିଳିଥିବାବେଳେ ବରିଷ୍ଠ ଓଏଏସ୍ ଗୋପବନ୍ଧୁ ଦାଶଙ୍କ ସମେତ ବିପି ମିଶ୍ର, ସୁକାନ୍ତ କୁମାର ପଣ୍ଡା, ବିରଂଚି ନାରାୟଣ ନାଥଶର୍ମା, ବିଜୟ ଚନ୍ଦ୍ର ମିଶ୍ର, ବିକେ ବୋଷମଲ୍ଲିକ, ନିରଞ୍ଜନ ରାଉତରାୟ, ସଂଚାନନ ଶାନ୍ତି, ସୌରେନ୍ଦ୍ର ଦାସଙ୍କୁ ମଧ୍ୟ ଅବସର ପରେ ପୁନଃନିଯୁକ୍ତି ମିଳିଛି । ସେହିପରି ଚତୁର୍ଥ ଶ୍ରେଣୀ କର୍ମଚାରୀ ରବିନାରାୟଣ ମହାପାତ୍ର, ଟି. ନାରାୟଣ ରାଓ, କେଦାର ଚନ୍ଦ୍ର ତ୍ରିପାଠୀ, ଚନ୍ଦ୍ରଶେଖର ବେହେରା ଓ ଗଣପତି ମହାକୁଡ଼ଙ୍କୁ ଅବସର ପରେ ପୁନଃ ନିଯୁକ୍ତି ମିଳିଥିବା ଜଣାପଡ଼ିଛି ।

ତେବେ ଏହି ପୁନଃନିଯୁକ୍ତି ପଛରେ ସମ୍ପୃକ୍ତ କର୍ମଚାରୀମାନଙ୍କ ଆନୁଗତ୍ୟ ନା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଗୁଇନ୍ଦା ତଥ୍ୟ ପଦାରେ ପଡ଼ିବା ଆଶଙ୍କାରେ ସେମାନଙ୍କୁ ପୁନଃନିଯୁକ୍ତି ମିଳୁଛି ତାହା ଜଣାପଡ଼ିନି ।

କରୋନା ବିରୋଧି ଟିକାକରଣ ଅଭିଯାନରେ ରାଜ୍ୟରେ ଦିଆଗଲାଣି ୬.୧୧ କୋଟି ଟିକା

ଭୁବନେଶ୍ୱର ,୦୩/୦୩ (ନି.ପ୍ର): କରୋନା ବିରୋଧି ଟୀକାକରଣ ଅଭିଯାନରେ ଆଜି ସୁଦ୍ଧା ରାଜ୍ୟରେ ସମୁଦାୟ ୬ କୋଟି ୧୧ ଲକ୍ଷ ୧୪ ହଜାର ୪୫୬ ସଂଖ୍ୟାରେ ଟିକା ଦିଆଗଲାଣି । ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅନୁସାରେ ବୁଧବାର ସକାଳ ସୁଦ୍ଧା ରାଜ୍ୟରେ ସମୁଦାୟ ଦିଆ ଯାଇଥିବା ଟିକାରୁ ପ୍ରଥମ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୨୭ ଲକ୍ଷ ୮୮ ହଜାର ୨୨୬ ଜଣ ଥିବା ବେଳେ ଦ୍ୱିତିୟ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୨ କୋଟି ୭୫ ଲକ୍ଷ ୩୧ ହଜାର ୬୭୦ ଜଣ । ଏହା ସହିତ ବୃଷ୍ଟର ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୭ ଲକ୍ଷ ୯୪ ହଜାର ୫୬୦ ଜଣ । ଜିଲ୍ଲା ମାନଙ୍କ ମଧ୍ୟରେ ଗଂଞ୍ଜାମ ଜିଲ୍ଲାରେ ସମୁଦାୟ ୫୪ ଲକ୍ଷ ୪୨ ହଜାର ୪୪୨ ଜଣଙ୍କୁ ଟିକା ଦିଆଯାଇଛି ଯାହା ସବୁ ଜିଲ୍ଲା ମାନଙ୍କଠାରୁ ଆଗରେ ଅଛି ବୋଲି ସୂଚନା ଦିଆଯାଇଛି ।

ଗୋଟିଏ ମିନିଟ୍‌ରେ ୧୦୪ଥର ନିଷ୍ଟାଇକ କରି ପାକିସ୍ତାନ ରେକର୍ଡ଼ ଭାଙ୍ଗିଲେ ଓଡ଼ିଆ ପୁଅ

ୟୁକ୍ରେନ ଯୁଦ୍ଧରୁ ଶିକ୍ଷା

(ପୃଷ୍ଠା-୫ର ଅବଶିଷ୍ଟାଂଶ)ଏହି ଲଢେଇ ପଛରେ ରୁଷିଆ-ଜର୍ମାନୀ ଗ୍ୟାସ ଯୋଗାଣ ମୁଖ୍ୟବୋଲି କେତେକ କହନ୍ତି, ଯାହା ଜର୍ମାନୀକୁ ଜଣାଥିବା ହେତୁ ମୂଳରୁ ଅସ୍ତ୍ରଶସ୍ତ୍ର ନପଠାଇବା ପାଇଁ କହିଛି । ଚଳିତମାସ ପରିସ୍ଥିତି ସଂପର୍କରେ ଆଲୋଚନା ପାଇଁ ଜର୍ମାନୀ ଚାନସେଲର ଉଭୟ ବାଇଡେନ ଓ ପୁତିନଙ୍କୁ ସାକ୍ଷାତ କରିଥିଲେ । ଇଉରୋପର ଆବଶ୍ୟକ ୩୦ପ୍ରତିଶତ ତୈଳ ଏବଂ ୩୫ ପ୍ରତିଶତ ଗ୍ୟାସ୍ ରୁଷିଆରୁ ଯାଇଥାଏ । ଇଉରୋପ -ରୁଷିଆ ଦୂରତା ବଢିଲେ ସେମାନେ ଆମେରିକା ଉପରେ ନିର୍ଭରଶୀଳ ହୋଇ ଅଧିକ ତୈଳ ଏବଂ ଗ୍ୟାସ କିଣିବେ । ଏହାଦ୍ୱାରା ଆମେରିକାର ଲାଭହେବ । କଟକଣା ଲଗାଇବା ବାହାନାରେ ଆମେରିକା ଇଉରୋପର ସ୍ୱାଭାବିକ ସଂପର୍କକୁ ନଷ୍ଟକରିବ । ଅତୀତରେ ୟୁକ୍ରେନକୁ ଏହି ଲକ୍ଷ୍ୟରେ ଢେର ପ୍ରତିରକ୍ଷା ସାମଗ୍ରୀ ବିକ୍ରି କରି ଆମେରିକା ଲାଭବାନ ହୋଇଛି । ଯଦି ଅସ୍ଥିରତାକୁ ଅର୍ଥ ରୋଜଗାର ପାଇଁ ଆମେରିକା ଲକ୍ଷ୍ୟ ରଖିଥାଏ ତେବେ ଆଗାମୀ ଦିନରେ ତାକୁ ପରିଣାମ ଭୋଗିବାକୁ ହେବ । ଏପରିକି ନାଟୋ ମେଣ୍ଟରେ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ, ଯାହାର ସୂଚନା ପୂର୍ବରୁ ମିଳିଛି । ୟୁକ୍ରେନ ପରେ ଫିନ୍‌ଲାଣ୍ଡ ଏବଂ ସ୍ୱିଡେନ ରୁଷିଆର ଟାର୍ଗେଟରେ ରହିବେ ବୋଲି ପୁତିନ ଘୋଷଣା କରିସାରିଲେଣି । ସେ ଦୁଇ ଦେଶକୁ ନାଟୋ ମେଣ୍ଟରେ ସାମିଲ ନହେବାକୁ ଚେତାବନୀ ଦେଇଛନ୍ତି । ଆଗାମୀ ଦିନରେ କ୍ୱାଡଗୋଷ୍ଠୀକୁ ଦୁର୍ବଳ କରିବାକୁ ଭାରତକୁ ମଧ୍ୟ ରୁଷିଆ ଧମକ ଦେବାର ସମ୍ଭାବନା ରହିଛି । ଏପରିକି ଆମେରିକାଠାରୁ ଦୂରେଇ ରହିବାକୁ କହି ପ୍ରତିରକ୍ଷା ସାମଗ୍ରୀ ଯୋଗାଣରେ ସମସ୍ୟା ସୃଷ୍ଟି କରିପାରେ ଯେମିତି ଏସ୍ -୪୦୦ ଯୋଗାଣରେ ଅଯଥା ବିଳମ୍ବ କରିଆସୁଛି । ସେସବୁ ଦୃଷ୍ଟିରୁ ଏହି ଯୁଦ୍ଧରୁ ଭାରତକୁ ଅନେକ କିଛି ଶିକ୍ଷା କରିବାକୁ ହେବ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ଅଶୋକ ସାଇ ପାର୍ଟିରୁ ନିଲମ୍ବିତ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଦଳ ବିରୋଧୀ କାମ କରିବା ଅଭିଯୋଗରେ ସୁନ୍ଦରଗଡର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅଶୋକ ସାଇଙ୍କୁ ଦଳରୁ ନିଲମ୍ବିତ କରା ଯାଇଛି । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ନିଲମ୍ବିତ କରିଛନ୍ତି । ପାର୍ଟୀର ମିଡିଆ ବ୍ୟାପାରର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଏକ ପ୍ରେସ ବିବୃତି ଜାରୀ କରି ଏହି ସୂଚନା ଦେଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଇଭିଏମରେ ସିଲ୍ ହେଲା....

ବିଏସପିରୁ ଖୁଆଜା ସମସୁଦ୍ଦିନ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ପର୍ଯ୍ୟାୟରେ ଯୋଗୀଙ୍କ ସମେତ କଂଗ୍ରେସ ନେତା ଅଜୟ କୁମାର ଲାଲୁ ଓ ସପା ନେତା ସ୍ୱାମୀ ପ୍ରସାଦ ମୋର୍ଯ୍ୟଙ୍କ ଭଳି ହେଭିୱେଟ ନେତାଙ୍କ ଭାଗ୍ୟ ପରୀକ୍ଷା ହୋଇଛି । ମତଦାନ ପଡିଥିବା ୧୦ଟି ଜିଲ୍ଲା ବିଜେପିର ଗଡ । ଅନ୍ତିମ ବିଧାନସଭା ନିର୍ବାଚନରେ ବିଜେପି ୫୭ଟି ଆସନରୁ ୪୫ଟି ହାତେଇଥିଲା । ସେହିପରି ୧୯୯୮ରୁ ୨୦୧୭ ମସିହା ପର୍ଯ୍ୟନ୍ତ ଗୋରଖପୁରରୁ ସାଂସଦ ଥିଲେ ଯୋଗୀ । ଏହାପରେ ବିଧାନ ପରିଷଦର ସଦସ୍ୟ ହୋଇ ମୁଖ୍ୟମନ୍ତ୍ରୀ ଆସନରେ ବସିଛନ୍ତି । ଆଜି ଭୋଟ ଦେବା ପୂର୍ବରୁ ବାବା ଗୋରଖନାଥଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି ଯୋଗୀ । ଗୋରଖପୁର ଗଡକୁ ନିଜ ଦଖଲକୁ ନେବା ପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି ସମସ୍ତ ରାଜନୈତିକ ଦଳ । କିନ୍ତୁ ମାର୍ଚ୍ଚ ୧୦ରେ ଜଣାପଡିବ କେଉଁ ନେତା ସପକ୍ଷରେ ଗୋରଖପୁରର ଭୋଟର ।

ୟୁକ୍ରେନରୁ ଫେରିଲେଣି....

ଗୋଟିଏ ଏବଂ ରେସେସୋରୁ ୨ଟି ବେସାମରିକ ବିମାନ ଜରିଆରେ ଭାରତୀୟମାନେ ସ୍ୱଦେଶ ଫେରିଛନ୍ତି । ଏହାବ୍ୟତୀତ, ଭାରତୀୟ ବାୟୁସେନାର ୩ଟି ବିମାନ ଆଜି ଅଧିକ ଭାରତୀୟମାନଙ୍କୁ ନେଇ ସ୍ୱଦେଶ ଫେରୁଛି । ବେସାମରିକ ବିମାନଗୁଡ଼ିକର ସଂଖ୍ୟା ବୃଦ୍ଧି କରାଯାଇଛି । ୭୪୦୦ରୁ ଅଧିକ ଭାରତୀୟ ଆସନ୍ତା ଦୁଇ ଦିନ ମଧ୍ୟରେ ସ୍ୱତନ୍ତ୍ର ବିମାନ ଯୋଗେ ଭାରତକୁ ଫେରିବେ । ଆସନ୍ତାକାଲି ୩୫୦୦ ଭାରତୀୟ ଏବଂ ମାର୍ଚ୍ଚ ୫ ତାରିଖରେ ୩୯୦୦ ଭାରତୀୟ ସ୍ୱଦେଶ ଫେରିବେ ଆଶା କରାଯାଉଛି । ଆସନ୍ତାକାଲି ଆଉ ୧୭ଟି ବିମାନରେ ଭାରତୀୟ ସ୍ୱଦେଶରେ ପହଂଚିବେ ।

ଅଷ୍ଟମ ଦିନରେ ଖେରସନ....

ରାଷ୍ଟ୍ରପତି କହିଛନ୍ତି । ଋଷର ୩୦ ଯୁଦ୍ଧ ବିମାନ ଓ ୩୧ଟି ହେଲିକପ୍ଟର ମାରି ଖସାଇ ଦେଇଥିବା ଜେଲେନ୍ସ୍କି ଦାବି କରିଛନ୍ତି । ଋଷ୍ ବିରୋଧରେ ୟୁରୋପୀୟ ରାଷ୍ଟ୍ର ଓ ଆମେରିକା କଟକଣା ବଢ଼ାଇଥିବା ବେଳେ ଅର୍ନ୍ତଜାତୀୟ ଅପରାଧିକ କୋର୍ଟ, ଆଇସିସି ଏକ ବଡ଼ ନିଷ୍ପତି ନେଇଛି । ୟୁକ୍ରେନରେ ହେଉଥିବା ଯୁଦ୍ଧ ଅପରାଧର ବିଚାର ଖୁବଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି ସଂଗଠନର ବରିଷ୍ଠ ଅଧିକାରୀ । ସେପଟେ ଭାରତର ଆଭିମୁଖ୍ୟ ନେଇ ଆମେରିକା ଖୁସି ନଥିବା ଆଲୋଚନା ହେଉଛି । ନୀରବ ରହି ଭାରତ ପରୋକ୍ଷରେ ଋଷକୁ ସମର୍ଥନ କରୁଥିବା ବାଇଡେନ ପ୍ରଶାସନ ଚେତାଇ ଦେଇଛନ୍ତି ବୋଲି ଲିକ୍ କେବଳ ତଥ୍ୟ କହିଛି ।

ଜଳପଥରେ ୟୁକ୍ରେନ୍ ....

ବୋମାମାଡ଼ରେ ଅନେକ ଅଂଚଳ କ୍ଷତିଗ୍ରସ୍ତ ହୋଇଛି । ଏବେ ଋଷ ସେନା ଜଳପଥରେ ଯାଇ ୟୁକ୍ରେନ୍ ଉପରେ ବଡ଼ ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି । ତେବେ ଏସବୁ ଭିତରେ ୟୁକ୍ରେନ ଉପରେ ଋଷିଆ ଆକ୍ରମଣକୁ ଏକ ସପ୍ତାହ ବିତିଛି । ଉଭୟ ରାଷ୍ଟ୍ର ମଧ୍ୟରେ ଚାଲିଛି ଘମାଘୋଟ ଲଢେଇ । ସ୍ଥଳ, ଜଳ ଓ ଆକାଶପଥରୁ ପ୍ରଚଣ୍ଡ ଆକ୍ରମଣ କରିବାକୁ ଯୋଜନା କରିଛି ଋଷିଆ । ଏହାରି ଭିତରେ ୟୁକ୍ରେନର କିଭ୍ ଓ ଖାରକିଭ ସମେତ ଅନେକ ଅଂଚଳରେ ଘମାଘୋଟ କରିଛି ଆକ୍ରମଣ ଋଷ । ନ୍ୟୁଜ ଏଜେନ୍ସି ରଏଟର୍ସ ପକ୍ଷରୁ ଜାରି କରାଯାଇଥିବା ଫଟୋରେ ଆକାଶପଥରେ ଆକ୍ରମଣକୁ ଆହୁରି ଜୋରଦାର କରିବା ପାଇଁ ଋଷୀୟ ସୈନିକ ପ୍ରସ୍ତୁତ ହୋଇ ଅଛନ୍ତି ।ଋଷିଆର ଯୁଦ୍ଧ ବିମାନରେ ସୈନିକଙ୍କ ହାତରେ ରହିଛି ଅସ୍ତ୍ରଶସ୍ତ୍ର । ତେବେ ଏହା ୟୁକ୍ରେନର କେଉଁ ଅଂଚଳ ତାହା ଜଣାପଡିନଥିଲେ ମଧ୍ୟ ଯୁଦ୍ଧଭୂମି ୟୁକ୍ରେନର ବିଭିନ୍ନ ଅଂଚଳକୁ ଅକ୍ତିଆର କରିବା ପାଇଁ ଏପରି ରଣନୀତି ପ୍ରସ୍ତୁତ କରିଛି ଋଷିଆ ।

ଅଚିହ୍ନା ମହିଳାଙ୍କ ଗଳିତ ଶବ ଉଦ୍ଧାର

ବସ୍ତା, ୦୩/୦୩ (ନି.ପ୍ର): ବସ୍ତା ଥାନା ମେଳକ ଜଳକା ପୋଲ ନିକଟରୁ ମହିଳାଙ୍କ ଗଳୀତ ଶବ ଉଦ୍ଧାର ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଗତ କାଲି ଠାରୁ ଏହି ପୋଲ ନିକଟରେ କୌଣସି ମହିଳାଙ୍କ ମୃତଦେହ ଭାସୁଥିବା ଗ୍ରାମର ଲୋକ ମାଛ ଧରିବାକୁ ଯାଇ ଦେଖିଥିଲେ ।ମାତ୍ର ଭୟରେ ଥାନାରେ ଖବର ଦେଇ ନଥିବା ବେଳେ ଆଜି ଅନ୍ୟ ମେଳକ ଗ୍ରାମର ଲୋକ ଦେଖି ପୋଲିସ କୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ମୃତ ଦେହକୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ଅଣାଯାଇଥିଲା । ମାତ୍ର ଉକ୍ତ ମହିଳା ଙ୍କ ଘର କିମ୍ବା ପରିଚୟ ମିଳିନଥିବା ଜଣାଯାଇଛି ।

ବିହାରୀଲାଲ ସ୍ମାରକୀ କ୍ରିକେଟ ଜାଗୃତି ଚମ୍ପିୟାନ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ସ୍ଥାନୀୟ ପୋଖରୀପୁଟ ଷ୍ଟାଡ଼ିୟମରେ ଅନୁଷ୍ଠିତ ବିହାରୀ ଲାଲ ସ୍ମାରକୀ କ୍ରିକେଟ ଟୁର୍ଣ୍ଣମେଂଟରେ ଜାଗୃତି କ୍ରିକେଟ ଏକାଡ଼େମୀ ଚମ୍ପିୟାନ ହୋଇଛି । ଫାଇନାଲରେ ଏହି ଦଳ ସହୀଦି ସ୍ପୋର୍ଟିଂକୁ ପରାସ୍ତ କରି ଟସ ହାରି ପ୍ରଥମ ସହିଦୀ ସ୍ପୋର୍ଟିଂ ବ୍ୟାଟିଂ କରିଥିଲା । ଦଳ ୯ ଓଭରରେ ସମସ୍ତ ୱିକେଟ ହରାଇ ୯୫ରନ କରିଥିଲା । ଜବାବରେ ଜାଗୃତି ୯ ଓଭରରେ ୫ ୱିକେଟ ହରାଇ ୧୦୧ରନ ସଂଗ୍ରହ କରି ମ୍ୟାଚ ବିଜୟୀ ହେବା ସହ ଚାମ୍ପିୟାନ ହୋଇଥିଲା । ଉଦଯାପନୀ ଉତ୍ସବରେ ପଦ୍ମଶ୍ରୀ ଦିଲ୍ଲିପ ତିର୍କୀ ପୂର୍ବତନ ରଣଜୀ ଅଧିନାୟକ ରଶ୍ମିରଞ୍ଜନ ପରିଡ଼ା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିୟାନ ଦଳକୁ ୧୫,୦୦୦/- ନଗଦ ଅର୍ଥରାଶୀ ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ନଗଦ ୧୦,୦୦୦/- ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଆୟୋଜକ ସଭାପତି ଅକ୍ଷୟ ଜେନାଙ୍କ ସହ ଓଡ଼ିଶା ପି.ଜି.ଓ. ମନୋଜ ବିଶ୍ୱାଳ, ସଶାଙ୍କ ଶେଖର ଦାସ, ଅଞ୍ଜନ ଜେନା, ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।

ବେତନଟୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଏପେକ୍ସ ଫରେଷ୍ଟ ପ୍ରୋଟେକ୍ସନ ପକ୍ଷରୁ ବିଶ୍ୱ ବନ୍ୟ ପ୍ରାଣୀ ସୁରକ୍ଷା ଦିବସ ପାଳିତ

ବେତନଟୀ,୦୩/୦୩ (ନି.ପ୍ର): ପରିବେଶ ସୁରକ୍ଷା ଏବଂ ପ୍ରକୃତିର ସଂରକ୍ଷଣ ପାଇଁ ମୟୁରଭଞ୍ଜର ସର୍ବ ପୁରାତନ ସକ୍ରିୟ ଅନୁଷ୍ଠାନ 'ଏପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟି ବେତନଟୀ ଆନୁକୂଲ୍ୟରେ ଶିମିଳିପାଳ ଇକୋ ଫ୍ରେଣ୍ଡସର ସହଯୋଗରେ ' ବିଶ୍ୱ ବନ୍ୟ ପ୍ରାଣୀ ସୁରକ୍ଷା ଦିବସ କମିଟିର ସଭାପତି ଡ଼କ୍ଟର ଶ୍ୟାମ ସୁନ୍ଦର ଦାସଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି, ଏଥିରେ ମୁଖ୍ୟ ଅତିଥି ଭାବରେ ବିକାଶ ମଞ୍ଚର ଆବାହକ ତଥା ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସମ୍ମାନିତ ଅତିଥି ଭାବରେ ବେତନଟୀ ଗ୍ରାମ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ପାନ ମଣି ମୁର୍ମୁ ମୁଖ୍ୟ ବକ୍ତା ଭାବରେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଣୀ ବିଜ୍ଞାନର ମୁଖ୍ୟ ପ୍ରାଧାପିକା ତଥା ଅଧକ୍ଷା ସଂଯୁକ୍ତାଜୀ ସମ୍ମାନିତ ବକ୍ତା ଭାବରେ ସିଭିଲ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, କବି ସଙ୍ଗମର ସଭାପତି ବାସୁଦେବ ନାପିତ ଯୋଗଦାନ କରି ଉନେସ୍କୋ ପକ୍ଷରୁ ୨୦୧୪ ମସିହାରୁ ପାଳିତ ହୋଇ ଆସୁଥିବା ବିଶ୍ୱ ବନ୍ୟ ପ୍ରାଣୀ ଦିବସର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଏବଂ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ,ଅନ୍ୟ ମାନଙ୍କ ମଧ୍ୟରେ ମୟୂର ସାହିତ୍ୟ ସଂସଦର ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ,ଶିକ୍ଷାବିତ ଯୋଗେନ୍ଦ୍ର ଆଚାର୍ଯ୍ୟ,ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତ,ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା,ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର,ସହଦେ୍ୱ ଗିରି, ମହୁଲିଆ ଇକୋ ଫ୍ରେଣ୍ଡସର ଭକ୍ତ ହରି ମୁର୍ମୁ, ଉମାକାନ୍ତ ମହାନ୍ତ, ରାଜେଶ କୁମାର ବାରିକ, କମଳ ଲୋଚନ ମହାପାତ୍ର ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣକରି ଥିଲେ, କାର୍ଯ୍ୟକ୍ରମର ଆବାହକ ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ ସହିତ ବିଶ୍ୱ ବନ୍ୟ ପ୍ରାଣୀ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଅବତାରଣା କରିଥିଲେ, କାର୍ଯ୍ୟକ୍ରମର ସଂଯୋଜକ ଅରୁଣ କୁମାର ଓତା ସଭାକାର୍ଯ୍ୟ ପରିଚାଳନା କରିଥିଲେ, ଧନ୍ୟବାଦ ଅର୍ପଣ କରିଥିଲେ ବନ ମୟୂରୀର ସମ୍ପାଦକ ନିରୋଦ ସୁନ୍ଦର ଜେନା ।

ଦୁଇ ପ୍ରମୁଖ ଦଳର ଚେୟାରମ୍ୟାନ ପ୍ରାର୍ଥୀ ପାଇଁ ଚାଲିଛି ଅଙ୍କକଷା

ନୀଳଗିରି,୦୩/୦୩ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଫଳାଫଳ ବହାରିବା ପରେ ରାଜ୍ୟ ନିର୍ବାଚନ କମିଶନର ପୌର ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି । ମାର୍ଚ୍ଚ ୨୪ରେ ନିର୍ବାଚନ ତାରିଖ ଚୂଡ଼ାନ୍ତ କରିଥିବା ବେଳେ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବ । ମାର୍ଚ୍ଚ ୧୪ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ ବୋଲି ନିର୍ବାଚନ କମିଶନର ତାରିଖ ଧାର୍ଯ୍ୟ କରିଛନ୍ତି । ଏପଟେ ବ୍ଲକ ମାନଙ୍କରେ ଅଧକ୍ଷ ଓ ଉପାଧକ୍ଷ ପଦ ପାଇଁ ୧୪ତାରିଖ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପୌର ନିର୍ବାଚନ ଘୋଷଣା ନେତାଙ୍କୁ ଅଡୁଆରେ ପକାଇଛି । ନୀଳଗିରି ଏନ.ଏ.ସି.ରେ ପୌର ନିର୍ବାଚନ ଅବସରରେ ଦୁଇ ପ୍ରମୁଖ ଦଳ ଯଥା ଶାସକ ବିଜେଡି ଓ ବିରୋଧି ବିଜେପିଦଳର ମୁଖିଆମାନେ ୧୩ଗୋଟି ୱାର୍ଡର କାଉନସିଲର ଓ ଚେୟାରମ୍ୟାନ ପ୍ରାର୍ଥୀଙ୍କ ନାମ ନେଇ ଜୋରଦାର ଅଙ୍କକଷା ଚାଲିଛି । ପ୍ରମୁଖ ଦୁଇ ଦଳର ଚେୟାରମ୍ୟାନ ପ୍ରାର୍ଥୀ ପାଇଁ ୩ରୁ ଅଧିକଙ୍କ ନାମ ରହୁଥିବା ବେଳେ ଦଳର ମୁଖିଆ ମାନଙ୍କ ମଧ୍ୟରେ ଚାଲିଛି ତର୍ଜମା । ଶାସକ ବିଜେଡି ଦଳର ନୀଳଗିରି ମୁଖିଆ ସନ୍ତୋଷ ଖଟୁଆ ନିଜର ଟିମ୍ ଲିଡରଙ୍କୁ ନେଇ ପ୍ରାର୍ଥୀ ଚୟନ କରୁଥିବା ବେଳେ ଖୁବ୍ ଶୀଘ୍ର ନିଷ୍ପତିର ଦିଗ ବାହାରିବ । ଏପଟେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଚେୟାରମ୍ୟାନ ପ୍ରାର୍ଥୀ ଙ୍କ ନାମ ଚୂଡ଼ାନ୍ତ କରିପାରୁ ନ ଥିବା ବଲେ ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ନୀଳଗିରି ଏନ.ଏ.ସି. ରେ୧୩ଗୋଟି ୱାର୍ଡ ରହିଥିବା ବଲେ ଦୁଇ ଦଳ ମଧ୍ୟରେ ଜୋରଦାର ଲଢ଼େଇ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ନିକଟରେ ପଂଚାୟତ ନିର୍ବାଚନରେ ବିଜେଡି ବାଜିମାତ କରିଥିବା ବେଳେ ଏହାର ପ୍ରଭାବ ଏନ.ଏ.ସି. ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ନୀଳଗିରି ଏନ.ଏ.ସି. ପାଇଁ ଚେୟାରମେନ୍ ପଦଟି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିବା ବେଳେ ଉପଯୁକ୍ତ ପ୍ରାର୍ଥୀ ଙ୍କ ଚୟନ ଉପରେ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି । ପୁଣି ଚଳିତ ପୌର ନିର୍ବାଚନରେ ମୁହାଁମୁହିଁ ହେବେ ସୁକାନ୍ତ ଓ ସନ୍ତୋଷ ।

ରାଜଧାନୀରେ ଆଉ ୭ ପଜିଟିଭ୍

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ରାଜଧାନୀରେ କରୋନା ସଂକ୍ରମଣର ପ୍ରଭାବ ଧିରେ ଧିରେ କମିବାକୁ ଲାଗିଲାଣି । ଗତ ୩ ଦିନ ଧରି ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସଂକ୍ରମିତଙ୍କ ସଂଖ୍ୟା ୧୦ ରୁ ତଳେ ରହୁଛି । ମଙ୍ଗଳବାର ଓ ବୁଧବାର ଦିନ ୮ ଜଣ ଲେଖାଏଁ ସଂକ୍ରମିତ ଚିହ୍ନଟ ହୋଇଥିଲେ । ଗୁରୁବାର ଦିନ ଭୁବନେଶ୍ୱରରେ ଆଉ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ସେହିପରି ଗତ ୨୪ ଘଂଟାରେ ଆଉ ୨୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛି । ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩୧୬ରେ ପହଂଚିଥିବା ବେଳେ ୧୫୪୭୮୦ ଜଣ ସୁସ୍ଥ ହୋଇଛନ୍ତି । ଅପରପକ୍ଷରେ ୧୧୮୯ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ବର୍ତମାନ ଆଉ ୩୨୬ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି ।

ଏମ୍‌ସ ଭୁବନେଶ୍ୱରରେ ବାର୍ଦ୍ଧକ୍ୟ ରୋଗ ଜନିତ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର କ୍ଲିନିକ୍ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ବାର୍ଦ୍ଧକ୍ୟ ରୋଗ ଜନିତ ଚିକିତ୍ସା ନିମନ୍ତେ ଏମ୍‌ସ ଭୁବନେଶ୍ୱରର ମେଡିସିନ୍(ଭେଷଜ) ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କ୍ଲିନିକ୍ ସେବା ଆରମ୍ଭ କରିଛି । ଚଳିତ ମାସ ପହିଲାରୁ କାର୍ଯ୍ୟାରମ୍ଭ କରିଥିବା ଏହି ସ୍ୱତନ୍ତ୍ର କ୍ଲିନିକ୍ ସପ୍ତାହର ପ୍ରତି ମଙ୍ଗଳବାର ଅପରାହ୍ନ ୨ ଟାରୁ ୫ ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଏମ୍ ସ ଭୁବନେଶ୍ୱର ମେଡିସିନ୍ ବିଭାଗର ଅତିରିକ୍ତ ପ୍ରଫେସର ଡ. ରଶ୍ମୀ ରଂଜନ ମହାନ୍ତି ଏହି କ୍ଲିନିକ୍ ର ମୁଖ୍ୟ ଭାବେ କାର୍ଯ୍ୟ ତୁଲାଇବେ । ଏହି କ୍ଲିନିକ୍ ବାର୍ଦ୍ଧକ୍ୟଜନିତ ରୋଗର ସାମଗ୍ରୀକ ଚିକିତ୍ସା କ୍ଷେତ୍ରରେ ବିଶେଷ ସହାୟକ ହେବ । ଆସନ୍ତା ୨୦୩୧ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୧୩.୧ ପ୍ରତିଶତ ବରିଷ୍ଠ ନାଗରିକଙ୍କ ଦ୍ୱାରା ପୂର୍ଣ୍ଣ ହେବ । ତେଣୁ ସେମାନଙ୍କର ଚିକିତ୍ସା ତଥା ସ୍ୱାସ୍ଥ୍ୟସେବାକୁ ଏମ୍‌ସ ଭୁବନେଶ୍ୱର ଗୁରୁତର ସହିତ ନେଇ ଏପରି ସେବା ଆରମ୍ଭ କରିଥିବା ଏହାର ମୁଖ୍ୟ ଡ. ମହାନ୍ତି ପ୍ରକାଶ କରିଛନ୍ତି । ଏହି କ୍ଲିନିକ୍ ମାଧ୍ୟମରେ ବରିଷ୍ଠ ନାଗରିକଙ୍କର ମଧୁମେହ, ଉଚ୍ଚ ରକ୍ତଚାପ, ମୋଟାପଣ, କୋଷ୍ଠକାଠିନ୍ୟ, ସିଓପିଡି, ବିଭିନ୍ନ ହୃଦ୍, ବୃକକ୍ ଏବଂ ମାନସିକ ରୋଗ ଭଳି ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିବ ବୋଲି ଡ. ରଶ୍ମୀ ରଂଜନ ମହାନ୍ତି ସୂଚନା ଦେଇଛନ୍ତି । ଏହି ଅବସରରେ ଜେରିଆଟ୍ରିକ୍ ଯତ୍ନର ବିଭିନ୍ନ ଦିଗ ଉପରେ ଆଲୋଚନା ପାଇଁ

ବାଲେଶ୍ୱର, ଶୁକ୍ରବାର, ୦୪ ମାର୍ଚ୍ଚ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗୋଟିଏ ଦିନରେ ୧୩୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୩୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୫୪୮୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୪୪୨୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୨୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୮ ଜଣଙ୍କ ମଧ୍ୟରୁ ୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ସବୁଠାରୁ ଅଧିକ ୩୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୪, ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୧୮, ଗଂଜାମ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହନ୍ତି । ଖୋର୍ଦ୍ଧାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ବିଶେଶ୍ୱର ମହାଦେବ ମନ୍ଦିରରେ ମହାଶିବରାତ୍ରି

ବାଲେଶ୍ୱର,୦୩/୦୩ (ନି.ପ୍ର): ବାଲେଶ୍ୱର ସହରର ବ୍ୟାସକବିନଗର ବିଶ୍ୱେଶ୍ୱର ମହାଦେବ ମନ୍ଦିରରେ ଶ୍ରଦ୍ଧା ଓ ଭକ୍ତିର ସହ ମହାଶିବରାତ୍ରୀ ଓ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ବ୍ୟାସକବିନଗର ବିକାଶ ପରିଷଦର କର୍ମକର୍ତ୍ତାମାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହ ଶ୍ରଦ୍ଧାଳୁମାନେ ଦେବଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଚଳିତବର୍ଷ ମନ୍ଦିର ପ୍ରତିଷ୍ଠାର ରଜତଜୟନ୍ତୀ ଅବସରରେ ମନ୍ଦିର ଗାତ୍ରରେ ପାର୍ଶ୍ୱଦେବତା ଭାବେ ମା' ପାର୍ବତୀଙ୍କ ମୁଗୁନି ପଥର ନିର୍ମିତ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ସନ୍ଧ୍ୟାରେ ଶହଶହ ମହିଳା ଉଜାଗର ରହି ଦୀପ ଜାଳିଥିଲେ ଓ ରାତ୍ର ୩ଟାରେ ମହାଦୀପ ଉଠିଥିଲା । କୋଭିଡ୍ କଟକଣା କାରଣରୁ ଗତ ଦୁଇବର୍ଷ ଧରି ମନ୍ଦିର ପରିସରକୁ ଶ୍ରଦ୍ଧାଳୁମାନଙ୍କ ପ୍ରବେଶ ନିଷେଧ ଥିବା ବେଳେ ଚଳିତବର୍ଷ ଜାଗର ଉତ୍ସବରେ ସ୍ଥାନୀୟ ବାସିନ୍ଦା ବେଶ ସନ୍ତୋଷ ପ୍ରକାଶ କରିଛନ୍ତି ।

ପୌର ନିର୍ବାଚନର ଦ୍ୱିତୀୟ ଦିନ ନାମାଙ୍କନ ପ୍ରକ୍ରିୟା

ବାଲେଶ୍ୱର,୦୩/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଦ୍ୱିତୀୟ ଦିନରେ ପହଞ୍ଚିଛି । ବାଲେଶ୍ୱରର ୩ ଗୋଟି ପୌରପାଳିକା ଓ ୨ ଗୋଟି ଏନଏସିର କାଉନସିଲର ଏବଂ ଅଧ୍ୟକ୍ଷ ପଦ ପାଇଁ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ଫର୍ମ ସଂଗ୍ରହ ସାଙ୍ଗକୁ କାଁ ଭାଁ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରପାଳିକାରେ ଗତକାଲି ଜଣେ ଓ ଆଜି ଜଣେ ସ୍ୱାଧୀନ ପ୍ରାର୍ଥୀ କାଉନସିଲର ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି । ଦୁଇଦିନ ମଧ୍ୟରେ ମୋଟ ୭୧ ଗୋଟି ନାମାଙ୍କନ ଫର୍ମ ଆଶାୟୀ ପ୍ରାର୍ଥୀମାନେ ନେଇଥିବା ପୌରପାଳିକା ପକ୍ଷରୁ ଜଣାଯାଇଛି । ତେବେ ଅଦ୍ୟାବଧି କୌଣସି ଦଳୀୟ ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନଥିବା ବେଳେ ଦୁଇଦିନରେ କେବଳ ୨ ଜଣ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ପୂର୍ବତନ କାଉନସିଲର ତଥା ପ୍ରାକ୍ତନ ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା ନିଜର ସମର୍ଥକ ଓ ସହଯୋଗୀଙ୍କ ଗହଣରେ ଶୋଭାଯାତ୍ରାରେ ଆସି ୨୭ ନଂ ୱାର୍ଡ଼ର କାଉନସିଲର ପଦ ପାଇଁ ଆଜି ନାମାଙ୍କନ ଦାଖଲ କରିଛନ୍ତି । କଂଗ୍ରେସର ସାମ୍ପ୍ରତିକ ଶୋଚନୀୟ ସ୍ଥିତିକୁ ଦୃଷ୍ଟିରେ ରଖି ତଥା ନିଜର ଲୋକପ୍ରିୟତାକୁ ଗୁରୁତ୍ୱ ଦେଇ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଥିବା ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି । ସେ ଚଳିତ ନିର୍ବାଚନରେ ନିଶ୍ଚିତ ଭାବେ ବିଜୟ ଲାଭ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି ।

ରାଜଧାନୀରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ରାଜଧାନୀରେ ସିରିଜ୍ ଦୁର୍ଘଟଣା ଘଟାଇଛନ୍ତି ଜଣେ ମଦ୍ୟପ କାର୍ ଚାଳକ । ଭୁବନେଶ୍ୱର ଜୟଦେବ ବିହାର ଠାରୁ ଜାଭିୟର ଛକ ମଧ୍ୟରେ ମଦ୍ୟପ କାର୍ ଚାଳକ ଏକାଧିକ ଗାଡ଼ିକୁ ଧକ୍କା ଦେଇଥିବା ଜଣାପଡିଛି । ପୋଲିସ୍ ପିସିଆର ଭ୍ୟାନ୍ ସମେତ ଅନେକ କାର ଓ ବାଇକ୍ କୁ ଧକ୍କା ଦେଇ ପଳାଉଥିବା ବେଳେ କାର୍ ଚାଳକଙ୍କୁ କାବୁ କରାଯାଇଥିଲା । ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତି କରାଯାଇଛି । ମଦ୍ୟପ କାର ଚାଳକକୁ ନୟାପଲ୍ଲୀ ଥାନା ପୋଲିସ ଅଟକ ରଖିଛି ।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର କର୍ମକର୍ତ୍ତା ନିର୍ବାଚନ

ବାଲେଶ୍ୱର, ୦୩/୦୩ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ, ବାଲେଶ୍ୱରର ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠାନର ପଡୁଆଁପଦା ସ୍ଥିତ କାର୍ଯ୍ୟାଳୟରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତିକ୍ରମେ ଡ.ହରିଶ୍ଚନ୍ଦ୍ର ବେହେରାଙ୍କୁ ଅନୁଷ୍ଠାନର ସଭାପତିଭାବରେ ମନୋନିତ କରାଯାଇଛି । ଏଥିରେ ଡ.ପ୍ରହ୍ଲାଦ ଚରଣ ମହାନ୍ତି, ଡ.ରମାକାନ୍ତ ବେହେରା, ଡା.ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ଡ.ଶ୍ରୀକାନ୍ତ ଚରଣ ପାତ୍ର ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରିବେ । ଉପ ସଭାପତି ଭାବରେ ଶରତ କୁମାର ମହାପାତ୍ର ଓ ଅରୁଣା ରାୟ, ସାଧାରଣ ସମ୍ପାଦକ ଭାବରେ ନିବାରଣ ଜେନା, ସଙ୍ଗଠନ ସମ୍ପାଦକ ଭାବରେ ତପନ ରାୟ, ଯୁଗ୍ମ ସଂପାଦକଭାବରେ ଦୀପକ ବୋଷ ଓ ସୁବ୍ରତା ମହାନ୍ତି ତଥା କୋଷାଧ୍ୟକ୍ଷଭାବରେ ଶୀତିକଣ୍ଠ ଦୀକ୍ଷିତ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟ ଭାବରେ ପ୍ରଦୀପ ଚାଟାର୍ଜୀ, ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ.ଶିରୀଶଚନ୍ଦ୍ର ଜେନା, ନିରଞ୍ଜନ ସାହୁ, ଡ.ଭାଗବତ ପ୍ରସାଦ ଦାସ,ଅଞ୍ଜଳି ପଣ୍ଡା, ବସନ୍ତଲତା ପଟ୍ଟନାୟକ, ସନ୍ତୋଷ ବାରିକ, କଲ୍ୟାଣୀ ନନ୍ଦ, ରମାକାନ୍ତ ମହାନ୍ତି, ନିରଞ୍ଜନ ରାଉତ, ରାଜେନ୍ଦ୍ର ନାଥ ରାଉତ, ଡ.କ୍ଷୀତିଶ୍ୱର ଦାଶ ଓ ସଞ୍ଜୟ କୁମାର ପଣ୍ଡାଙ୍କୁ ଗ୍ରହଣ କରାଯାଇଛି । ଏହି ଅଧିବେଶନରେ ଆସନ୍ତା ମାର୍ଚ୍ଚ ମାସ ୨୦ ତାରିଖରେ ହେବାକୁ ଥିବା ସାରସ୍ୱତ ବଣଭୋଜି ସମ୍ପର୍କରେ ଆଲୋଚନା ହୋଇଥିଲା ଓ 'ପୁତ୍ର ସମ' ନାମକ ନାଟକ ମଞ୍ଚସ୍ଥ କରିବାକୁ ସ୍ଥିର କରାଗଲା । ଡ.ରତ୍ନାକର ସିଂହ ଓ ପ୍ରଭାକର ସାହୁ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

ବିଜେଡିରେ ମିଶିଲେ ରପେୟା ସମିତିସଭ୍ୟ

ଖଇରା,୦୩/୦୩ (ନି.ପ୍ର): ବିନା କୌଣସୀ ଦଳ ସମର୍ଥନରେ ରପେୟା ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିବା ସୂର୍ଯ୍ୟକାନ୍ତ ସ୍ୱାଇଁ ଗୁରୁବାର ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ବାସ ଭବନରେ ଭେଟି ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ସୂର୍ଯ୍ୟକାନ୍ତ ମିଶିବା ପରେ ବିଜେଡି ମ୍ୟାଜିକ ନମ୍ବର ରୁ ଆଉ ମାତ୍ର ଗୋଟିଏ ଆସନ ଦୁରରେ ରହିଛି । ବହୁ ସମିତି ସଭ୍ୟ ବିଜେଡିରେ ମିଶିବାକୁ ଆଗ୍ରହୀ ଅଛନ୍ତି । ଏଣୁ ବିଜେଡି ନିଶ୍ଚିତ ଖଇରା ବ୍ଲକ ଦଖଲ କରିବ ବୋଲି ଦଳ ପ୍ରମୁଖ ନେତୃବୃନ୍ଦ ଦାବୀ କରିଛନ୍ତି ।

ଓଡିଶା-ପଶ୍ଚିମବଂଗ ଉପାନ୍ତରେ ଟ୍ରକ୍‌କୁ ପିଟିଲା ବସ୍ : ୧ ଯାତ୍ରୀ ମୃତ, ୧୦ ଗୁରୁତର

ଜଳେଶ୍ୱର, ୦୩/୦୩ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟ ଓଡିଶା-ପଶ୍ଚିମବଂଜ ସୀମାରେ ବିଳମ୍ବିତ ରାତିରେ ବସ୍ ଦୁର୍ଘଟଣାରେ ଜଣେ ମୃତ ହେବା ସହିତ ୧୦ରୁ ଜଣ ଯାତ୍ରୀ ଗୁରୁତର ହୋଇ ପଶ୍ଚିମବଂଗର ଦାନ୍ତୁନସ୍ଥିତ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି । ଘଟଣାରୁ ପ୍ରକାଶ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କୋଲକତା ଯାଉଥିବା ଓଡି୦୫ବିବି୫୮୫୫ ସୋନାକ୍ସ (ହ୍ୱାଇଟ୍ ସାଫାରୀ) ନାଇଟ୍ କୋଚ୍ ବସ୍ ରାସ୍ତାରେ ଛିଡା ହୋଇଥିବା ଏକ ମାଲବାହି ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଚାଳକ ମୃତ୍ୟୁ ଘଟିଥିବା ବେଳେ ୧୦ ଆହତ ଯାତ୍ରୀଙ୍କ ସହିତ ଗୁରୁତର ହେଲପର ଓ କଣ୍ଡକ୍ଟରଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନିଆଯାଇଥିଲା । ଅନ୍ୟ ଯାତ୍ରୀମାନଙ୍କୁ ଅନ୍ୟଗାଡିରେ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ ଉପାନ୍ତ ୬୦ନଂ ଜାତୀୟ ରାଜପଥରେ ପଶ୍ଚିମବଂଗ ପୁଲିସ୍ ପକ୍ଷରୁ ବେରିକେଟ ଲଗାଇ ଯାନାବାହାନ ଯାଞ୍ଚ କରାଯାଇ ଆସୁଛି । ଏହି ସୁଯୋଗନେଇ କେତେକ ଦୁର୍ବୃତ୍ତ ଗାଡିମାନଙ୍କରୁ ଚାନ୍ଦା ମଧ୍ୟ ଆଦାୟ କରୁଛନ୍ତି । ଫଳରେ ରାଜପଥ ଓଡିଶା ଅଂଚଳରେ ଘଣ୍ଟା ଘଣ୍ଟା ଧରି ବିଭିନ୍ନ ଗାଡି ଛିଡା ହେଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ଏପରିକି ରାସ୍ତା ଜାମ୍ ରହୁଥିବାରୁ ଗମନାଗମନରେ ବାଧକ ସୃଷ୍ଟି ହେଉଥିବା ସ୍ଥାନୀୟ ଗ୍ରାମବାସୀମାନେ ପ୍ରତିବାଦ କରିଆସୁଛନ୍ତି । ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ପହଞ୍ଚିଲା ବେଳକୁ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ପଶ୍ଚିମବଂଗ ପୁଲିସ୍ ନେଇ ପଳାଇଥିବା ଜଣାଯାଇଛି ।

ଆଖି ବୁଜିଲେ ଅସହାୟଙ୍କ ଦେବଦୁତ

ଖଇରା, ୦୩/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ପଳସା ମଠ ମହନ୍ତ ତଥା ଅସହାୟଙ୍କ ଦେବଦୁତ ଭାବେ ଦିନଦୁଃଖିଙ୍କୁ ସହାୟତା ପ୍ରଦାନ କରି ଆସୁଥିବା ଗଙ୍ଗାଧର ମହାନ୍ତି (୮୨)ଙ୍କର ଗୁରୁବାର ସକାଳେ ପରଲୋକ ହୋଇ ଯାଇଛି । ରାଜ୍ୟ ସଚିବାଳୟରେ କିରାଣି ଚାକିରିରୁ ଅବସର ନେବାରେ ପଳସାରେ ଏକ ମଠ ସ୍ଥାପନା କରି ପୁଜାର୍ଚ୍ଚନା ଓ ଧର୍ମାଲୋଚନାରେ ନିଜକୁ ନିୟୋଜିତ କରିଥିଲେ । ଏହାସହ ନିଜର ପେନସନ ଅର୍ଥରୁ ପ୍ରତ୍ୟେକ ମାସ କୌଣସୀ କୌଣସୀ ଅସହାୟ ସହାୟତା ପ୍ରଦାନ କରୁଥିଲେ । ବିଶେଷକରି ଅର୍ଥାଭାବରୁ କେହି ଚିକିତ୍ସିତ ହୋଇ ପାରୁନଥିବା ଖବର ପାଇବେ ମାତ୍ରେ ସେ ତାଙ୍କ ଘରେ ପହଞ୍ଚି ଅଥାସମ୍ଭବ ସହଯୋଗର ହାତ ବଢାଇଥିଲେ । ମଠ ପରିସରରେ ତାଙ୍କୁ ସମାଧି ଦିଆଯାଇଥିବା ବେଳେ ଖଇରା ଓ ସିମୁଳିଆର ବିଭିନ୍ନ ସଙ୍ଗଠନ ତରଫରୁ ଶୋକବ୍ୟକ୍ତ କରାଯାଇଛି । ସେ କିଛିଦିନ ଧରି ଅସୁସ୍ଥ ଥିଲେ ।

ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ

ଉଦଳା, ୦୩/୦୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ରେଞ୍ଜର ଏବଂ ସ୍କାଉଟର ମିଳିତ ସହଯୋଗରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଅଶ୍ୱିନୀ କୁମାର ବେହେରା ଯୋଗ ଦେଇ ଜଣେ ସଂସ୍କାରିତ ମଣିଷ କିପରି ନିର୍ଭିକତାର ସହିତ ସବୁ ପ୍ରକାର ପରିସ୍ଥିତିକୁ ସାମନା କରିପାରନ୍ତି ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରେଡ଼କ୍ରସ କାଉନସିଲର ଅଧ୍ୟାପିକା କୁମକୁମ ଦାସ ତାଙ୍କର ବକ୍ତବ୍ୟରେ କହିଲେ ଏକ ପରେ ଶୁନ ଦେଲେ ଦଶ ହୁଏ, ତାପରେ ଆଉ ଏକ ଶୁନ ଲେଖିଲେ ଶହେ ହୁଏ, ଯଦି ଏକ ଟିକୁ ଲିଭାଇ ଦିଆଯାଏ ତେବେ ସବୁ କିଛି ଶୁନ ହୋଇ ଯାଏ । ସେହିପରି ଯେଉଁ ମଣିଷ ସଂସ୍କାରିତ ନୁହେଁ ତା ଜୀବନ ମୂଲ୍ୟହିନ ବୋଲି କହିଥିଲେ । ଇତିହାସ ବିଭାଗର ଅଧ୍ୟାପିକା ମଞ୍ଜୁଳା କଲିଆ, +୩ ଓ +୨ର ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଯଥାକ୍ରମେ ଅଧ୍ୟାପିକା ପ୍ରଣତି ରାଜ ଓ ଅଧ୍ୟାପକ ରାଜକିଶୋର ବେହେରା, ଅଧ୍ୟାପକ ଶଶିଭୂଷଣ ପାଣିଗ୍ରାହୀ, ଅଧ୍ୟାପିକା ଶାନ୍ତିଲତା ହାଁସଦା ପ୍ରମୁଖ ଯୋଗ ଦେଇ ସଂସ୍କାରିତ ମଣିଷଙ୍କ ଅଭାବ ଯୋଗୁଁ ଆଜି ମହାତ୍ମାଗାନ୍ଧୀଙ୍କର ରାମରାଜ୍ୟର ସ୍ୱପ୍ନ ଅଧୁରା ହୋଇ ରହି ଯାଇଛି ବୋଲି ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଡ଼େମନଷ୍ଟ୍ରେଟର ସପନ କୁମାର ମହାନ୍ତି ଆଜିର କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିବା ବେଳେ ଲକ୍ଷ୍ମୀପ୍ରୀୟା ସାମଲ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

ନିୟମିତ ରକ୍ତଦାତା ନୀରୋଜ ପୋଥାଳ ପାଇଲେ ସେବା ସମ୍ମାନ

ବାରିପଦା, ୦୩/୦୩ (ନି.ପ୍ର): ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବାରିପଦାର ବିଶିଷ୍ଟ ସମାଜସେବୀ ତଥା ନିୟମିତ ରକ୍ତଦାତା ଡ଼. ନିରୋଜ କୁମାର ପୋଥାଳ ସେବା ସମ୍ମାନ ୨୦୨୨ ରେ ସମ୍ମାନୀତ ହୋଇଥିବାର ଜଣା ଯାଇଛି । ଆଜି ଭଦ୍ରକର ଟାଉନ ହଲ ଠାରେ ଅଗ୍ରଣୀ ସମାଜସେବା ଅନୁଷ୍ଠାନ ଛତ୍ରପତି ସେନାର ତୃତୀୟ ବାର୍ଷିକ ଉତ୍ସ୍ୱ ଓ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ପାଳନ ଅବସର ରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ଼. ତୁଳସୀ ମୁଣ୍ଡା ତାଙ୍କୁ ଏହି ସେବା ସମ୍ମାନ ପ୍ରଦାନ କରିଛନ୍ତି । ଏହି ସେବା ସମ୍ମାନ ପାଇଁ ଶ୍ରୀ ପୋଥାଳ ଅନୁଷ୍ଠାନର ସଭାପତି ରୋହିତାଶ ରଞ୍ଜନ ରାଉଳଙ୍କ ସହ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ଏବଂ ଏହି ସେବା ସମ୍ମାନ ତାଙ୍କୁ ଅଧିକ ରୁ ଅଧିକ ସେବା କାର୍ଯ୍ୟ କରିବା ପାଇଁ ପ୍ରେରଣା ପ୍ରଦାନ କରିବ ବୋଲି ସେ ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ ।

ଥମୁନି ନିର୍ବାଚନୀ ହିଂସା : ନିର୍ବାଚନ ଫଳାଫଳ ଘୋଷଣାକୁ ନେଇ ବିଡ଼ିଓଙ୍କୁ ମରଣାନ୍ତକ ଆକ୍ରମଣ

ବାରିପଦା, ୦୩/୦୩ (ନି.ପ୍ର): ପଂଚାୟତ ନିର୍ବାଚନ ଫଳାଫଳ ଘୋଷଣାକୁ ନେଇ ବିଡ଼ିଓଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବାର ସାଂଘାତିକ ଅଭିଯୋଗ ଆସିଛି । ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ଶମାଖୁଣ୍ଟା ବ୍ଲକରେ ଆଜି ସରପଂଚ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା । ଶ୍ୟାମାଖୁଂଟା ବ୍ଲକ ବାଲଡିହା ଗ୍ରାମପଂଚୟତର ସରପଂଚ ପଦବୀ ପାଇଁ କବିତା ନାୟକ ନିର୍ବାଚନ ଲଢିଥିବା ବେଳେ, ଗଣନା ପରେ କୌଣଷି ଏକ ସମ୍ବାଦପତ୍ରରେ ସେ ସରପଂଚ ଭାବରେ ବିଜୟୀ ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା ମାତ୍ର ଆଜି ବ୍ଲକ ପକ୍ଷରୁ ବିଧିବଦ୍ଧ ଫଳାଫଳ ଘୋଷଣା ପତ୍ରରେ ତାଙ୍କ ବଦଳରେ ତାଙ୍କର ପ୍ରତିଦ୍ୱନ୍ଦୀ ଶକୁନ୍ତଳା ନାୟକଙ୍କୁ ବିଜୟି ପ୍ରାର୍ଥୀ